ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.198 Bhubaneswar Thursday September 14 2023 | ୨୬ତମ ବର୍ଷ ସଂଖ୍ୟା-୧୯୮ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ଆତଙ୍କବାଦୀଙ୍କ ସହ ଏନକାଉଣ୍ଟର: ୨ ସେନାଧିକାରୀ ଓ ଡିଏସ୍‌ପି ସହିଦ୍





ଭୁବନେଶ୍ୱର, ୧୩।୯(ପି.ଏନ): ଜମ୍ମୁ-କଶ୍ମୀରର ଅନନ୍ତନାଗରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ବଡ ଧରଣର ଏନକାଉଣ୍ଟର। ଏହି ଗୁଳି ବିନିମୟରେ ଭାରତୀୟ ସେନାର ଜଣେ କର୍ଣ୍ଣଲ, ଜଣେ ମେଜର ଓ ଜମ୍ମୁ-କଶ୍ମୀର ପୁଲିସ୍‌ର ଜଣେ ଡିଏସ୍‌ପି ସହିଦ ହୋଇଛନ୍ତି। ସେହିପରି ଆଉ କିଛି ଯବାନ ଓ ପୁଲିସ୍ କର୍ମୀ ମଧ୍ୟ ଆହତ ହୋଇଛନ୍ତି। ଏବେ ବି ଘଟଣା ସ୍ଥଳରେ ଘମାଘୋଟ ଗୁଳି ବିନିମୟ ଜାରି ରହିଛି। ମିଳିଥିବା ସୂଚନା ଅନୁସାରେ, ଅନନ୍ତନାଗର କୋକେରନାଗ ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚିଥିବା ଖବର ମିଳିବା ପରେ ଅପରେସନ ଆରମ୍ଭ ହୋଇଥିଲା। ସେନା ଓ ପୁଲିସ୍ ପକ୍ଷରୁ ମିଳିତ ଭାବେ ଏହି ଅପରେସନ କରାଯାଇଥିଲା। ସର୍ଚ୍ଚ ଅପରେସନ ବେଳେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଥିଲା।

## ବରଗଡରେ ସ୍କ୍ରବ ଟାଇଫସ ନେଲାଣି ୫ ମୁଣ୍ଡ, ରୋଗର କାରଣ ଓ ଲକ୍ଷଣ ବିଷୟରେ ଜାଣନ୍ତୁ

ଭୁବନେଶ୍ୱର, ୧୩।୯(ପି.ଏନ): ବରଗଡରେ ବ୍ୟାପୁଛି ସ୍କ୍ରବ ଟାଇଫସ। ଏହି ଭୂତାଣୁ ଜନିତ ରୋଗରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ୫ ଜଣଙ୍କ ଭିତରୁ ସୋହେଲା ବ୍ଲକରୁ ୨ ଜଣ ଥିବା ବେଳେ ଅତାବିରା, ଭେଡେନ୍ ଓ ବରପାଲିରୁ ଜଣେ ଲେଖାଏ ଲୋକଙ୍କ ମୃତ୍ୟୁ ହୋଇଛି। ସେହିପରି ଏବେ ସ୍କ୍ରବ ସାଇଫଲ ଭୂତାଣୁରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ ବରଗଡ଼ ଜନସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଯେ ଜିଲ୍ଲାରେ ଅଗଷ୍ଟ ୨୩ ତାରିଖ ସ୍ଦ୍ଧା ୧୭୮ଜଣଙ୍କ ରକ୍ତ ନମୂନା ସଂଗ୍ରହ କରାଯାଇଥିଲା। ସେଥିରୁ ୩ ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି।

# ପ୍ରକାଶ ପାଇଲା ରାଜ୍ୟ ସରକାରଙ୍କ ଶିକ୍ଷା ବର୍ଷ କ୍ୟାଲେଣ୍ଡର, ଚଳିତ ବର୍ଷ ବି ହେବନି ଛାତ୍ର ସଂସଦ ନିର୍ବାଚନ




ଭୁବନେଶ୍ୱର, ୧୩।୯(ପି.ଏନ) : ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ। କାରଣ ରାଜ୍ୟ ସରକାର ଯେଉଁ କ୍ୟାଲେଣ୍ଡର ଜାରି କରିଛନ୍ତି ସେଥିରେ ନିର୍ବାଚନ ସମ୍ପର୍କରେ ଉଲ୍ଲେଖ ନାହିଁ। ରାଜ୍ୟ ସରକାର ଉଚ୍ଚ ଶିକ୍ଷା ବିଭାଗ ପାଇଁ ୨୦୨୩-୨୪ କ୍ୟାଲେଣ୍ଡର ଜାରି କରିଛନ୍ତି ଯେଉଁଥିରେ ନିର୍ବାଚନ ବିଷୟରେ ଉଲ୍ଲେଖ ହୋଇ ନାହିଁ। ଯାହା ଫଳରେ ବାତିଲ ହୋଇଛି ଛାତ୍ର ସଂସଦ ନିର୍ବାଚନ। ଏବିଭିପି ଓ ଛାତ୍ର କଂଗ୍ରେସ ପକ୍ଷରୁ ନିର୍ବାଚନ କରିବା ପାଇଁ ଦାବି ହେଉଛି। କିନ୍ତୁ ସରକାର ନିଷ୍ପତ୍ତି ନେଇଛନ୍ତି ନିର୍ବାଚନ ହେବ ନାହିଁ। ୨୦୧୭ରେ ଶେଷ ଥର ପାଇଁ ନିର୍ବାଚନ ହୋଇଥିଲା। ତେବେ ସେହି ବର୍ଷ ବିଜୁ ଛାତ୍ର ଜନତା ଦଳ ୯୫ ପ୍ରତିଶତ ଭୋଟ ପାଇ କ୍ୟାମ୍ପସରେ ବିଜୟ ହୋଇଥିବା ବେଳେ ଏବିଭିପି ୬୦ ପ୍ରତିଶତ ଓ ଛାତ୍ର କଂଗ୍ରେସ ୬୪ ପ୍ରତିଶତ ଭୋଟ ପାଇଥିଲା। ଚଳିତ ବର୍ଷ ରାଜ୍ୟ ସରକାର ଜାରି କରିଥିବା କ୍ୟାଲେଣ୍ଡରରେ ୧୮୦ ଦିନ ପାଠ ପଢା ଦିବସ ରହିଥିବା ବେଳେ ୭୨ ଦିନ ଛୁଟି ରହିଛି।

## ହୀରାକୁଦର ୨ଟି ଗେଟ୍ ଖୋଲିଲା

ଭୁବନେଶ୍ୱର ,୧୩।୯(ପି.ଏନ): ହୀରାକୁଦ ଜଳଭଣ୍ଡାରର ୨ଟି ଗେଟ୍ ଖୋଲାଯାଇଛି। ମହାନଦୀର ଉପରମୁଣ୍ଡରେ ଲଘୁଚାପଜନିତ ବର୍ଷାକୁ ଦୃଷ୍ଟିରେ ରଖି ବୁଧବାର ଅପରାହ୍ନରେ ହୀରାକୁଦ ଜଳଭଣ୍ଡାରର ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରୁ ଗୋଟିଏ ଲେଖାଏଁ ଗେଟ୍ ଖୋଲାଯାଇଛି।ଅପରାହ୍ନ ୩ଟା ବେଳକୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୨୩ ଫୁଟ୍ ଥିଲା। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୭୩,୩୦୮ କ୍ୟୁସେକ ଜଳ ପ୍ରବେଶ କରୁଥିଲା। ଅପରପକ୍ଷେ ଜଳଭଣ୍ଡାରରୁ ସେକେଣ୍ଡ ପିଛା ୩୫,୧୮୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିଲା। ମହାନଦୀର ବେଲଗାଓଁଠାରେ ୧୫,୨୦୦ କ୍ୟୁସେକ୍, ପର୍ଥଲାଠାରେ ୪୭,୬୭୨ କ୍ୟୁସେକ୍, ଖଇରମାଲରେ ୬୨,୦୦୦ କ୍ୟୁସେକ୍, ବରମୂଳଠାରେ ୭୧,୦୦୦ କ୍ୟୁସେକ୍ ଓ ମୁଣ୍ଡଳୀଠାରେ ୮୦,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା।

## ବିଜେପି ଛାଡି ବିଜେଡିରେ ମିଶିଲେ ରଞ୍ଜନ ପଲେଇ

ଭୁବନେଶ୍ୱର ,୧୩।୯(ପି.ଏନ): ବିଜେପିର କାର୍ଯ୍ୟକାରିଣୀ ସଦସ୍ୟ ତଥା କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ରଞ୍ଜନ ପଲେଇ ଆଜି ବିଜେପି ଦଳ ଛାଡି ବିଜେଡିରେ ମିଶିଛନ୍ତି। ବୁଧବାର ଦିନ ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସେ ନିଜ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି।ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସାଂସଦ ମାନସ ମଙ୍ଗରାଜ ସେମାନଙ୍କୁ ସ୍ୱାଗତ କରିଛନ୍ତି। ପ୍ରଣବ କହିଛନ୍ତି ଯେ, ରଞ୍ଜନ ଆଜି ଘରକୁ ଫେରିଛନ୍ତି। ସେମାନେ ବୁଝିଲେ ଯେ ନବୀନ ପଟ୍ଟନାୟକ ହି ରାଜ୍ୟ ଓ ଗଞ୍ଜାମର ବିକାଶ କରି ପାରିବେ। ବିଜେଡିରେ ମିଶିବା ପରେ ରଞ୍ଜନ ପଲେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶାଳ ହୃଦୟ ରଖି ସେ ମତେ ଗ୍ରହଣ କରିଛନ୍ତି।

# ଅବିଶ୍ରାନ୍ତ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ; ଟ୍ରେନ୍ ଅଟକିଲା, ଘରେ ପଶିଲା ପାଣି



ଭୁବନେଶ୍ୱର, ୧୩।୯(ପି.ଏନ): ତାଣ୍ଡବ ରଚୁଛି ଲଘୁଚାପ ଜନିତ ଲଗାଣ ବର୍ଷା। କେଉଁଠି ଟ୍ରେନ୍ ଲାଇନ୍ ଉପରେ ଗଛ ପଡି ରେଳସେବା ପ୍ରଭାବିତ ହୋଇଛି ତ ଆଉ କେଉଁଠି ପାହାଡ ଧସି ଗମନାଗମନ ଠପ୍ ହୋଇଯାଇଛି। କିଛି ସ୍ଥାନରେ ଘରେ ଘରେ ପାଣି ପଶିଥିବାରୁ ଲୋକେ ହନ୍ତସନ୍ତ ହୋଇଛନ୍ତି। ଆଗକୁ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଓ ବ୍ୟାପକ କ୍ଷତିର ଆଶଙ୍କା ଥିବାରୁ ସତର୍କ କରିଛି ପାଣିପାଗ ବିଭାଗ।ଲଗାଣ ବର୍ଷା ଯୋଗୁ ୱାଲଟିୟର ଡିଭିଜନର ଟିକିରି-ଲାଲିଗୁମ୍ମା ଟ୍ରେନ ଲାଇନ ଉପରେ ଗଛ ଓ ପଥର ପଡିଛି। ଯେଉଁଥିପାଇଁ ସେହି ରୁଟରେ ଟ୍ରେନ୍? ଚଳାଚଳ ପ୍ରଭାବିତ ହୋଇଛି। ଆଜି ଅପରାହ୍ନ ସ୍ଦ୍ଧା ୨ଟି ଟ୍ରେନକୁ ବାତିଲ୍? କରାଯାଇଥିବା ବେଳେ ଆଉ ଗୋଟିଏ ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି।

# ଓ.ଏ.ଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କଲେ ରାଜ୍ୟ ସରକାର : ତାଲିକାରେ ମୋଟ୍ ୨୯୫ ଜଣ ଅଧିକାରୀ ଥିବା ସୂଚନା

ଭୁବନେଶ୍ୱର : ଓ.ଏ.ଏସ୍ ସ୍ତରରେ ଏକ ବଡ଼ ଧରଣର ଅଦଳ ବଦଳ କରାଯାଇଛି। ରାଜ୍ୟର ବିଭିନ୍ନ ବ୍ଲକରେ ବିଡିଓ ଓ ତହସିଲଦାର ଭାବେ କାର୍ଯ୍ୟ କରୁଥିବା ଓଏଏସ୍?ଙ୍କ ସମେତ ଡେପୁଟି କଲେକ୍ଟର ଆଦିଙ୍କ ବିଭାଗ ଅଦଳ ବଦଳ କରାଯାଇଛି। ଏହି ତାଲିକାରେ ମୋଟ୍ ୨୯୫ ଜଣ ଓଏଏସ୍? ଅଧିକାରୀ ରହିଛନ୍ତି। ୨ ଟି ବିଜ୍ଞପ୍ତି ଜରିଆରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ପଞ୍ଚାୟତି ରାଜ ବିଭାଗ ପକ୍ଷରୁ ଏହି ବଦଳି ଆଦେଶନାମା ପ୍ରକାଶ କରାଯାଇଛି। ସାଧାରଣ ନିର୍ବାଚନ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଓଏଏସ ସ୍ତରରେ ଏହି ବଡ଼ ଅଦଳ ବଦଳ ହୋଇଥିବା ଜଣାପଡ଼ିଛି। କେନ୍ଦ୍ର ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ କ୍ରମେ ଗତ ମେ' ମାସରେ ସରକାରୀ ଅଧିକାରୀଙ୍କ ବଦଳି ଓ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଯେଉଁକର୍ମଚାରୀମାନେ ଗୋଟିଏ ସ୍ଥାନରେ ୩ ବର୍ଷ ପୂରଣ କରିଛନ୍ତି ଓ ଯେଉଁମାନେ ନିଜ ଘରୋଇ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ବଦଳି କରାଯିବା ବିଧି ରହିଥିବାରୁ ଏହି କାର୍ଯ୍ୟ ଜୋରଦାର ହୋଇଛି। ଓଡ଼ିଶା ପ୍ରଶାସନିକ ସେବା/ଓଡ଼ିଶା ରାଜସ୍ୱ ସେବା, ଗ୍ରୁପ- ବି ଅଫିସରଙ୍କ ତାଲିକା ପ୍ରଦାନ କରିଯିବା ପରେ ବିଭିନ୍ନ ବିଭାଗ ପକ୍ଷରୁ ବଦଳି ଆଦେଶନାମା ପ୍ରକାଶ ପାଉଛି। ମେ' ୩ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ସରକାରୀ ଅଧିକାରୀଙ୍କ ବଦଳି ଓ ନିଯୁକ୍ତି ପକ୍ରିୟା ଶେଷ କରିବାକୁ କହିଥିଲେ। ଶ୍ରୀ ଧଳ ନିଜ ଚିଠିରେ କେନ୍ଦ୍ର ନିର୍ବାଚନ କମିସନଙ୍କ ମାର୍ଗଦର୍ଶିକା ପାଳନ ସମ୍ପର୍କରେ ଉଲ୍ଲେଖ କରିବା ସହିତ ଦେଶରେ ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନର କାର୍ଯ୍ୟକାଳ ୨୦୨୪ ମେ'ରେ ଶେଷ ହେଉଥିବାରୁ ଏହି ସମୟ ସୀମା ପୂର୍ବରୁ ଯେ କୌଣସି ମୂହୁର୍ତ୍ତରେ ନିର୍ବାଚନ ହୋଇପାରେ ବୋଲି ଦର୍ଶାଇଥିଲେ। ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପରିଚାଳନା ପାଇଁ ଏହି ବଦଳି ଓ ନିଯୁକ୍ତ କରିବାକୁ ନିର୍ବାଚନ କମିସନ ବିଜ୍ଞପ୍ତି ଅନୁଯାୟୀ ଏହି କାର୍ଯ୍ୟ କରିବାକୁ କହିଥିଲେ। ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ଏହି ବିଜ୍ଞପ୍ତିରେ ବଦଳି ହୋଇଥିବା ଅଧିକାରୀଙ୍କୁ ତୁରନ୍ତ ନିଜର ନୂତନ ପୋଷ୍ଟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆୟୁଷ୍ମାନ ଭବ କାର୍ଯ୍ୟକ୍ରମ ଉଦଘାଟିତ

ନୂଆଦିଲ୍ଲୀ, ୧୩।୯(ପି.ଏନ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି (ବୁଧବାର) ଗାନ୍ଧୀ ନଗର ସ୍ଥିତ ରାଜଭବନରୁ ଆଭାସୀ ମାଧ୍ୟମରେ ଆୟୁଷ୍ମାନ ଭବ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ 'ଆୟୁଷ୍ମାନ ଭବ' ଅଭିଯାନର ଲକ୍ଷ୍ୟ ହେଉଛି କୌଣସି ବ୍ୟକ୍ତି ବା ଗ୍ରାମ ପଛରେ ପଡ଼ିବା ଅନୁଚିତ। ତା'ହେଲେ ଯାଇ ଆମ ଦେଶରେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ସଫଳ ହୋଇପାରିବ। ଯଦି ପ୍ରତ୍ୟେକ ବ୍ୟକ୍ତି ଓ ପରିବାର ସୁସ୍ଥ ରହନ୍ତି, ତେବେ ଯାଇ ଏକ ସୁସ୍ଥ ଭାରତ ଗଠନ ସଂକଳ୍ପ ପୂରଣ ହେବ ବୋଲି ସେ କହିଛନ୍ତି। ଏହି ଲକ୍ଷ୍ୟ ହାସଲ ଦିଗରେ ଏକ ବହୁ ମନ୍ତ୍ରୀମଣ୍ଡଳସ୍ତରୀୟ ପ୍ରୁତି ଗ୍ରହଣ କରାଯାଇ ଥିବାରୁ ସେ ଖୁସୀ ବ୍ୟକ୍ତ କରିଥିଲେ। ଏଭଳି ବିରାଟ ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ।ସମସ୍ତ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ, ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ କରିବା ପାଇଁ ଆୟୁଷ୍ମାନ ସଭା, ସ୍ୱାସ୍ଥ୍ୟ ରକ୍ଷା ଓ ପୌଷ୍ଟିକତା, ଆୟୁଷ୍ମାନ ମେଳାର ଆୟୋଜନ ଏବଂ ସପ୍ତାହକୁ ଥରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ବିଶେଷଜ୍ଞ ଡାକ୍ତରଙ୍କ ପରିଦର୍ଶନ ଆୟୋଜନ ଭଳି ଆୟୁଷ୍ମାନ ଆପକେ ଦ୍ୱାର ୩.୦ର ପଦକ୍ଷେପ ବେଶ୍ ପ୍ରଶଂସା ଯୋଗ୍ୟ ବୋଲି ଶ୍ରୀମତୀ ମୁର୍ମୁ କହିଥିଲେ।ରାଷ୍ଟ୍ରପତି କହିଥିଲେ ଯେ ଭାରତ ନୂଆ ନୂଆ ପ୍ରଯୁକ୍ତି ଓ କାର୍ଯ୍ୟ ପ୍ରୁତି ଜରିଆରେ ବିପୁଳ ଉତ୍ସାହର ସହ ଅନେକ କ୍ଷେତ୍ରରେ ଏଠାରେ ଆଗେଇ ଚାଲିଛି। ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ସେପ୍ଟେମ୍ବର ୨୦୨୧ରେ ଆରମ୍ଭ କରାଯାଇଥିବାରୁ ସେ ଖୁସୀ ବ୍ୟକ୍ତ କରିଥିଲେ। ଅନ୍ୟାନ୍ୟ କ୍ଷେତ୍ର ଭଳି ଭାରତ ସ୍ୱାସ୍ଥ୍ୟ ଯତ୍ନ କ୍ଷେତ୍ରରେ ମଧ୍ୟ ଡିଜିଟାଲ ପ୍ରୁତି ଅନ୍ତର୍ଭୁକ୍ତ କରି ଏକ ଦୃଷ୍ଟାନ୍ତ ରଖିବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ।କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦେଶର ପ୍ରତି ଗ୍ରାମ ଓ ସହରରେ ପର୍ଯ୍ୟାପ୍ତ ସେବା ପହଞ୍ଚାଇବା ନିମନ୍ତେ 'ଆୟୁଷ୍ମାନ ଭବ' ଅଭିଯାନ ଭଳି ପଦକ୍ଷେପ ଦେଶବ୍ୟାପୀ ଯୋଜନା କରାଯାଇଛି। ଏହି ଅଭିଯାନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨, ୨୦୨୩ 'ସେବା ପକ୍ଷ'ରେ ତ୍ୱରାନ୍ୱିତ କରାଯିବ।

# ଜି-୨୦ ବୈଠକ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିଜେପିର ଭବ୍ୟ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୩।୯(ପି.ଏନ): ଭାରତ ବେଶ ସଫଳତାର ସହ ଜି-୨୦ ବୈଠକ ଆୟୋଜନ କରିଥିବାରୁ ଆଜି ବିଜେପି ପକ୍ଷରୁ ସବୁ ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଆଯାଇଛି। ଆଜି ମୋଦିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବା ପାଇଁ ବିଜେପି ମୁଖ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦି ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ପାଇଁ ମୁଖ୍ୟାଳୟରେ ପହଞ୍ଚିବା କ୍ଷଣି ତାଙ୍କୁ ସ୍ୱାଗତ କରାଯାଇଛି।ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସମେତ ବରିଷ୍ଠ ନେତାମାନେ ମୋଦିଙ୍କୁ ଦଳୀୟ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ପ୍ରତ୍ୟେକ ନେତା ପ୍ରଧାନମନ୍ତ୍ରୀଙ୍କୁ ଗୋଲାପ ଫୁଲ ମଧ୍ୟ ଦେଇଥିଲେ।

# ଆହୁରି ତିନି ଦିନ ପ୍ରବଳ ଛେଚିବ, ସତର୍କ କଲା ପାଣିପାଗ କେନ୍ଦ୍ର !



ଭୁବନେଶ୍ୱର, ୧୩।୯(ପି.ଏନ): ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଆଜି ପରି ଆସନ୍ତାକାଲି ମଧ୍ୟ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ବର୍ଷା ଆହୁରି ତିନି ଦିନ ଧରି ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍? ଅନୁସାରେ ଆସନ୍ତାକାଲି ଅର୍ଥାତ ଗୁରୁବାର ସମ୍ବଲପୁର, ବରଗଡ, ସୋନପୁର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ବଲାଙ୍ଗିର, ନୂଆପଡା ଓ ନବରଙ୍ଗପୁର ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଅନୁଗୋଳ, କଟକ, ନୟାଗଡ, ଗଜପତି, ରାୟଗଡା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଅଲଟ୍ରାସାଉଣ୍ଡ ମେସିନ୍ ଜବତ, ବେଆଇନ୍ ଭାବେ ଚାଲୁଥିଲା ଲିଙ୍ଗ ନିରୂପଣ

ଭୁବନେଶ୍ୱର, ୧୩।୯(ପି.ଏନ): ବେଆଇନ୍ ଭାବେ କ୍ଲିନିକରେ ଚାଲୁଥିଲା ଲିଙ୍ଗ ନିରୂପଣ। ସେଥିପାଇଁ ଦଲାଲଙ୍କ ମାଧ୍ୟମରେ ଓଡିଶାର କୋଣ ଅନୁକୋଣରୁ ଗର୍ଭବତୀଙ୍କୁ ଅଣାଯାଉଥିଲା। ସେଠାରେ ଲିଙ୍ଗ ନିରୂପଣ କରାଯାଉଥିଲା। ଆଉ ମାଲାମାଲ୍ ହେଉଥିଲେ କ୍ଲିନିକ୍ ଓ ନର୍ସିଂ ହୋମ୍ ମାଲିକ। ସିଲ୍‌ଭର ସିଟି କଟକରୁ ଆସିଛି ଏପରି ଅଭିଯୋଗ। ଆଜି ସ୍ୱାସ୍ଥ୍ୟ ବିଭାଗର ୩ଟି ଟିମ୍ କଟକରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଲିଙ୍ଗ ନିରୂପଣ ମେସିନ୍ ଜବତ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି। କଟକ ଟାଉନ୍‌ରେ ମାଳ ମାଳ କ୍ଲିନିକ୍ ଓ ଡାଇଗ୍ନୋଷ୍ଟିକ ସେଣ୍ଟର ଖୋଲିଛି। ସେଥିରେ ବେଆଇନ୍ ଭାବେ ଲିଙ୍ଗ ନିରୂପଣ ହେଉଥିବା ଅଭିଯୋଗ ହେଉଥିଲା। ହେଲେ ପ୍ରମାଣ ଅଭାବରୁ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନଥିଲା। ଆଜି ବିଶେଷ ସୂତ୍ରରୁ ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍ ବାଦାମବାଡି ରକ୍ସି ଲେନ୍, ଲିଙ୍କ ରୋଡ୍ ସମେତ ୩ଟି ସ୍ଥାନରେ କରି ଚଢ଼ଉ କରିଥିଲା। ଦୁଇଟି ସ୍ଥାନରୁ ଦୁଇଟି ଅଲଟ୍ରାସାଉଣ୍ଡ ମେସିନ, ଜେଲ୍ ଓ କିଛି ମେଡିସିନ୍ ଜବତ କରିଛି।

# ବଙ୍ଗୋପସାଗରରେ ଲଘୁଚାପ : ୫ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

ଭୁବନେଶ୍ୱର ,୧୩।୯(ପି.ଏନ): ଘୂର୍ଣ୍ଣିବଳୟ ପ୍ରଭାବରେ ଉତରପଶ୍ଚିମ-ପାର୍ଶ୍ୱବର୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ବୁଧବାର ସକାଳେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି।ଏହା ବର୍ତମାନ ଉତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ରହିଛି ଏବଂ ସମୁଦ୍ର ପତନଠାରୁ ୭.୬ କିଲୋମିଟର ଉଚ୍ଚତା ସହିତ ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରୁଛି। ଆସନ୍ତା ୨୪ ଘଂଟା ମଧ୍ୟରେ ଏହା ଅଧିକ ଚିହ୍ନିତ ହୋଇ ଆସନ୍ତା ୩ ଦିନ ମଧ୍ୟରେ ଦକ୍ଷିଣ ଓଡ଼ିଶା ଓ ଦକ୍ଷିଣ ଛତିଶଗଡ଼ ଦେଇ ଗତି କରିବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଆସନ୍ତା ୪ ଦିନ ମଧ୍ୟରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବୁଧବାର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିବା ବେଳେ ରାୟଗଡା ଜିଲ୍ଲାର ଆମ୍ବଡୋଳାରେ ସର୍ବାଧିକ ୧୮୭ ମିମି ବର୍ଷା ରେକର୍ଡ କରାଯାଇଛି। ଏହା ବ୍ୟତୀତ ବୁଧବାର ଅପରାହ୍ନରେ ଟ୍ୱିନ ସିଟି କଟକ ଓ ଭୁବନେଶ୍ୱରରେ ପ୍ରବଳ ବର୍ଷା ହୋଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ୫ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା , ୮ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଓ ୧୨ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ସୋନପୁର ଓ ବଲାଙ୍ଗୀର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ସମ୍ବଲପୁର, ନୟାଗଡ଼, କଟକ, ଅନୁଗୁଳ ଓ ଗଞ୍ଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।ଏହା ବ୍ୟତୀତ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ଦେବଗଡ଼, ଝାରସୁଗୁଡ଼ା, ଗଜପତି, ରାୟଗଡ଼ା, କୋରାପୁଟ ଓ ଢେଙ୍କାନାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୋଲାର ପ୍ରକଳ୍ପ ଅଚଳ, ନିମ୍ନ ମାନର କାମ ଅଭିଯୋଗ

କନ୍ଧମାଳ ,୧୩।୯(ପି.ଏନ): ସରକାର ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତିକ୍ଷ ତେବେ ନିମ୍ନ ମାନର କାର୍ଯ୍ୟ ସହ ପରିଚାଳନା ଗତ ଅବ୍ୟବସ୍ଥା ଯୋଗୁଁ ପ୍ରକଳ୍ପ ଗୁଡିକ ମାସ କେଇଟାରେ ଅକାମୀ ହୋଇ ପଡୁଛି। ସରକାର ଙ୍କ କୋଟି କୋଟି ଟଙ୍କା ପାଣି ରେ ପଡୁଛି ଯାହାର କି ଏକ ଉଦାହରଣ ଦେଖିବାକୁ ମିଳିଛି ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ବୁଡ଼ାଗୁଡା ରେ ଥିବା ବସୁଧା ପ୍ରକଳ୍ପ। କନ୍ଧମାଳ ଜିଲ୍ଲା ବୁଡ଼ାଗୁଡା ପଞ୍ଚାୟତ ୧ ନମ୍ବର ୱାର୍ଡରେ ଥିବା ଏହି ପ୍ରକଳ୍ପ ସିମେଲକିଆ ଗ୍ରାମରେ ଥିବା ଡପାକିଆ, ମାସନପାଙ୍ଗ ଗ୍ରାମକୁ ଆଜି ପର୍ଯ୍ୟନ୍ତ ଦିନକ ପାଇଁ ମଧ୍ୟ ପାଣି ପାଇନାହାନ୍ତି ଲୋକେ। ଯାହାରି ଫଳରେ ଏସବୁ ଗ୍ରାମର ୧୦୦ ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ଗ୍ରାମରେ ପିଇବା ପାଣି ପାଇଁ ଏକ ସୋଲାର ପାଣି ଟାଙ୍କି ନିର୍ମାଣ ହୋଇଛି। ହେଲେ ଆଜକୁ ଦୁଇ ବର୍ଷ ରୁ ଊର୍ଦ୍ଧ୍ୱ ସମୟ ଧରି ନିର୍ମାଣ ସରିଥିଲେ ବି ଆଜି ପର୍ଯ୍ୟନ୍ତ କଯ୍ୟକ୍ଷମ ହୋଇପାରୁନାହିଁ। ଗ୍ରାମରେ ନିର୍ମାଣ ହେବା ଦିନଠାରୁ ଦିନକ ପାଇଁ ପାଣି ଆସୁନଥିବା ଅଭିଯୋଗ ହେଉଛି। ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା କଥାସିମେଲକିଆ ଗ୍ରାମର ସାନ୍ତନୁ ବିସମାଝୀ, ଦିଲ୍ଲୀପ ମଲ୍ଲିକ, ଗଙ୍ଗା ବିସମାଝୀ, ବଦକା ପ୍ରଧାନୀ, ରମା ମଲ୍ଲିକ, ଟବେରୀ ପ୍ରଧାନ, ଶିବ ପ୍ରଧାନୀ ପ୍ରମୁଖ। ଅଭିଯୋଗ କରିଛନ୍ତି। ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ଏହି ପାଣି ଟାଙ୍କି ନିର୍ମାଣ କରାଯାଇ ଯେଉଁ ଉଦେଶ୍ୟରେ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ତାହା ଏବେ ଅଚଳ ହୋଇପଡ଼ିଛି। ଏନେଇ ବୁଡ଼ାଗୁଡା ସରପଞ୍ଚ ତାତୁରା ପ୍ରଧାନ ଙ୍କୁ ପଚାରିବାରୁ ସେକିଛି ଜାଣିନଥିବା କହିବା ସହିତ ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ରଙ୍କୁ ପଚାରି ବାରୁ ସେ ଏହି ପ୍ରକଳ୍ପ ଉପରେ ତଦନ୍ତ କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସେପଟେ ଗ୍ରାମରେ ତୁରନ୍ତ ପାନୀୟଜଳ ପ୍ରକଳ୍ପ କୁ କାଯ୍ୟକ୍ଷମ କରା ନଗଲେ ଆଗାମୀ ଦିନରେ ବ୍ଲକ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳ ବାସୀ। ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେଉଥିନ୍ତି ହ୍ରିତିକ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଗଳିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୧୪

# ବିଶ୍ୱ ପାଇଁ ବିପଦ


ଗୋପାଳ ମହାପାତ୍ର

ଭୂପୃଷ୍ଠରେ ଜୀବଜଗତର ଅନ୍ତ ଘଟିବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପରିବର୍ତ୍ତୀତ ପାଣିପାଗ ଓ ଜଳବାୟୁ ଏହାର କାରଣ । ଏହି କାରଣରୁ ସ୍ତନ୍ୟପାୟୀ ୭୭ଟି ପ୍ରଜାତି, ୧୪୦ ପ୍ରକାରର ପକ୍ଷୀ ଓ ୨୪ ପ୍ରକାରର ଉଭୟଚର ପ୍ରାଣୀ ବିଲୁପ୍ତ ହୋଇ ସାରିଲେଣି । ପ୍ରତିବର୍ଷ ପାଖାପାଖି ୫୦ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତି ପଥରେ । ଏଭଳି ତଥ୍ୟ ପ୍ରକାଶ କରିଛନ୍ତି ଆମେରିକାର ୩ଟି ବିଶ୍ୱବିଦ୍ୟାଳୟ । ଏହି ୩ଟି ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଗବେଷଣାରୁ ଜଣାପଡିଛି ଯେ, ମାନବ ଜାତି ପାଇଁ ବିପଦ ମାଡି ଆସୁଛି । ମାନବ ଜାତି ବିଲୁପ୍ତ ହେବାର ଷଷ୍ଠ ପର୍ଯ୍ୟାୟରେ ପହଂଚିଛି । ସାଢେ ୬କୋଟି ବର୍ଷ ପୂର୍ବେ ବିଭିନ୍ନ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହେବାର ପ୍ରକ୍ରିୟା ଦେଖାଦେଇଥିଲା। ସେତେବେଳେ ଡାଇନୋସର ଭୂପୃଷ୍ଠରୁ ବିଲୋପ ପାଇଥିଲା । ଏବେ ସେଇ ବିପଦ ମାନବ ଜାତି ଉପରେ ପଡିଛି । ବିଶ୍ୱର ସବୁ ଦେଶର ଲୋକେ ଜଳବାୟୁ ପରିବର୍ତନର ପ୍ରଭାବରେ ପ୍ରଭାବିତ । ତୋଫାନ, ବନ୍ୟା, ବାତ୍ୟା, ମରୁଡି ତଥା ଭୂକମ୍ପ ଭଳି ଘଟଣା ଅଧିକ ଭାବେ ଘଟିବାରେ ଲାଗିଛି । ଗ୍ରୀଷ୍ମ ଅନୁଭୁତ ଅଂଚଳରେ ଅଧିକ ଗ୍ରୀଷ୍ମୋତାପ ଅନୁଭୁତ ହେଉଥିବା ବେଳେ ଥଣ୍ଡା ଅଂଚଳରେ ଅଧିକ ଥଣ୍ଡା ଅନୁଭୁତ ହେଉଛି । ମାନବ ପ୍ରକୃତିର ସନ୍ତୁଳନକୁ ବିଗାଡି ଦେଇଛି । ପ୍ରକୃତିକୁ ମନଇଛା ଦୋହନ କରିବା ଓ ଜଙ୍ଗଲ ସଂପଦ ସରିଯିବା ଏବେ ମାନବ ଜାତି ପାଇଁ କାଳ ହୋଇଛି । ଏବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯେ ସୁସ୍ଥ ଜୀବନ ପାଇଁ ଆବଶ୍ୟକ ଶୁଦ୍ଧ ପବନ, ଜଳ ଏବଂ ଖାଦ୍ୟ ମିଳିବା ସ୍ୱପ୍ନ ପାଲଟିଛି । ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳ ପାଇଁ ପ୍ରଣୟନ କରାଯାଉଥିବା ନିୟମ କାରଣରୁ ଜଳ, ସ୍ଥଳ ଓ ଆକାଶ ତ୍ରିଭୁବନ ବିଷାକ୍ତ ହୋଇଗଲାଣି । ବିଗତ ୪୦ରୁ ୫୦ ବର୍ଷ ମଧ୍ୟରେ ଅନେକ ପ୍ରଜାତିର ଜୀବଜନ୍ତୁ ଏହି କାରଣ ପାଇଁ ବିଲୁପ୍ତ ହୋଇଯାଇଛନ୍ତି । ପରିବେଶର ସନ୍ତୁଳନ ବିଗିଡିଯାଉଥିବା କାରଣରୁ ଅନେକ ବିପଦପୂର୍ଣ୍ଣ ଘଟଣା ଘଟୁଛି । ବିଶ୍ୱରେ ପ୍ରତିବର୍ଷ ୬୦ଲକ୍ଷ ହେକ୍ଟର ଚାଷଯୋଗ୍ୟ ଜମିରେ ଚାଷ ନହୋଇ ପାରିବା କାରଣରୁ ମରୁଭୁମିରେ ପରିଣତ ହେଉଛି । ବିଶ୍ୱରେ ପ୍ରତିବର୍ଷ ୧୧୦ଲକ୍ଷରୁ ଅଧିକ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି ଯାହା ୩୦ବର୍ଷରେ ଭାରତ ଭଳି ଦେଶର କ୍ଷେତ୍ରଫଳ ସହ ସମାନ ହେବ । ଯେଉଁ ଜମି ସୁଫଳା ଥିଲା ଏବେ ସେ ଜମିରୁ ଅଧିକ ଅମଳ ହୋଇପାରୁନାହିଁ । ବିକାଶ ନାମରେ ପ୍ରକୃତିର ଦୋହନ ଏବଂ ଜଙ୍ଗଲର ଅବକ୍ଷୟକୁ ରୋକାନଗଲେ ମହାବିନାଶ ନିଶ୍ଚିତ ବୋଲି ଆମେରିକୀୟ ବିଶ୍ୱବିଦ୍ୟାଳୟ ଗୁଡିକ ପକ୍ଷରୁ କୁହାଯାଇଛି । ବିଶ୍ୱବିଦ୍ୟାଳୟ ଗୁଡିକ ଗବେଷଣା ପରେ ଯେଉଁ ତଥ୍ୟ ପ୍ରକାଶ କରିଛନ୍ତି ତଦନୁସାରେ ଜୈବମଣ୍ଡଳ ଉପରେ ମନୁଷ୍ୟର ଅନବରତ ଏକତରଫା ଅନିୟନ୍ତ୍ରିତ ପ୍ରଭାବରୁ ମାନବ ସଭ୍ୟତା ବିଲୋପ ହେବାକୁ ଯାଉଛି । ଭୂପୃଷ୍ଠରେ କେତେବେଳେ କେଉଁ ପରିବର୍ତନ ଘଟିବ ସେକଥା କହିବା ମଧ୍ୟ ମୁସ୍କିଲ । ଏବେ ଧିରେ ଧିରେ ସ୍ପଷ୍ଟ ହୋଇଗଲାଣି ଯେ ମଣିଷ ଦ୍ୱାରା ଭୌତିକ ବସ୍ତୁର ନିୟୋଜିତ ଉତ୍ପାଦନ ଜୈବମଣ୍ଡଳ ଉପରେ ପ୍ରଭାବ ପକାଉଛି ଯାହା ବିପଦ ସୃଷ୍ଟି କରୁଛି ଓ କରିବ । ଗତ ଶତାବ୍ଦିର ଶେଷ ଓ ଚଳିତ ଶତାବ୍ଦିର ପ୍ରଥମ ଦଶନ୍ଧିରେ ବିଶ୍ୱରେ ଅଗମ୍ୟ ଅଂଚଳରେ ବସତି ସ୍ଥାପନ, ବିଷାକ୍ତ ଦ୍ରବ୍ୟର ବ୍ୟାପକ ଉପଯୋଗ ତଥା ପ୍ରକୃତିର ନିର୍ମମ ଶୋଷଣ କାରଣରୁ ଜିବ ଜଗତର ବିଲୁପ୍ତି ପ୍ରକ୍ରିୟା ବୃଦ୍ଧି ପାଇଛି । ବିଗତ ୨ହଜାର ବର୍ଷ ମଧ୍ୟରେ ଯେତେ ସବୁ ପ୍ରଜାତି ବିଲୁପ୍ତ ହୋଇଛନ୍ତି ସେଥି ମଧ୍ୟରୁ ଅର୍ଦ୍ଧାଧିକ ପ୍ରଜାତି ୧୯୦୦ ମସିହା ପରେ ବିଲୁପ୍ତ ହୋଇଛନ୍ତି । ଗତ ୩୫୦ ବର୍ଷ ମଧ୍ୟରେ ପ୍ରତି ୧୦ବର୍ଷରେ ଗୋଟିଏ ଲେଖାଁଏ ପ୍ରଜାତି ବିଲୁପ୍ତ ହୋଇଛନ୍ତି ।

ପ୍ରକୃତି ଏବଂ ପ୍ରାକୃତିକ ସମ୍ପଦ ସମ୍ପର୍କରେ ଗବେଷଣା କରୁଥିବା ଏକ ଆନ୍ତର୍ଯାତିକ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ପ୍ରତି ଦୁଇବର୍ଷରେ ଗୋଟିଏ ଜାତି ଅଥବା ଉପଜାତିର ଜୀବଙ୍କର ବିଲୁପ୍ତି ଘଟୁଛି । ସେମାନଙ୍କର ମତରେ ଯଦି ଗୋଟିଏ ପ୍ରକାରର ବୃକ୍ଷର ବିଲୋପ ଘଟେ ତେବେ ତାର ପ୍ରଭାବ ୧୦ରୁ ୩୦ ପ୍ରଜାତିର କୀଟ ପତଙ୍ଗ ଓ ବୃକ୍ଷ ପ୍ରଜାତି ଉପରେ ପଡେ । ଯଦି ପ୍ରାକୃତିକ ସମ୍ପଦର ଦୋହନ ଓ ଜଙ୍ଗଲ ଅବକ୍ଷୟ ଏହିଭଳି ଜାରି ରହେ ତେବେ ଆଗାମୀ କିଛି ଦଶନ୍ଧି ମଧ୍ୟରେ ଜୈବମଣ୍ଡଳର ସମ୍ପୁର୍ଣ୍ଣ ପରିବର୍ତନ ଘଟିବ । ଏଭଳି ବିପଦ ଦୃଷ୍ଟିରୁ ସଠିକ୍ ପଦକ୍ଷେପ ନେବା ଜରୁରୀ । ଏହାର ଅର୍ଥ ନୁହେଁ ଯେ, ଶିଳ୍ପ ବିକାଶକୁ ସଂପୂର୍ଣ୍ଣ ବନ୍ଦ କରି ଦିଆଯିବ, ବରଂ ଏହି ବିକାଶର ଢାଂଚାକୁ ପରିବର୍ତନ ତଥା ସୁନିୟୋଜିତ କରାଯିବା ଜରୁରୀ । ବ୍ୟବସ୍ଥା ଏପରି ହେବା ଉଚିତ୍ ଯେପରି ଶିଳ୍ପ ବିକାଶ ସହ ପରିବେଶର ସନ୍ତୁଳନ ରକ୍ଷା ହୋଇପାରିବ । ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳ ମଣିଷର ପ୍ରକୃତିକୁ ନିୟନ୍ତ୍ରଣ କରିପାରୁଛି । ଅବସ୍ଥା ଏପରି ହେଲାଣି ଯେ ବୈଜ୍ଞାନିକ ଏବଂ ବୈଷୟିକ କାର୍ଯ୍ୟକଳାପ ମହାକାଶ ପର୍ଯ୍ୟନ୍ତ ବ୍ୟାପି ଗଲାଣି । କିନ୍ତୁ ଏହାର ଉପଯୋଗ ମଧ୍ୟ ସଠିକ୍ ହେବା ଉଚିତ୍ ଅନ୍ୟଥା ଏହାର ପରିଣାମ ହାନୀକାରକ ହେବ । ଆମେ ଜୈବମଣ୍ଡଳରେ ହେଉଥିବା ପରିବର୍ତନକୁ ଅଣଦେଖା କରିପାରିବା ନାହିଁ । ଏଣୁ ମୌଳିକ ପ୍ରାକୃତିକ ପରିବେଶକୁ ମଣିଷର ଆବଶ୍ୟକତା ଅନୁସାରେ ରୁପାନ୍ତରିତ କରାଯାଇ ପାରିଲେ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ପାଇପାରିବ ଓ ଏହା କରାଯିବା ଏକ ଆବାଶ୍ୟକତା । ଏହା ହୋଇପାରିଲେ ଜୈବମଣ୍ଡଳର ସୁରକ୍ଷା ସହ ଜୀବଜଗତର ସୁରକ୍ଷା ହୋଇପାରିବ ।

*ରାମଚନ୍ଦ୍ରପୁର, ରଣପୁର*
*ଦୂରଭାଷ - ୯୪୩୮୪୮୫୦୯୪*

# ଆଧ୍ୟାତ୍ମିକ ବିଶ୍ୱ ଓ ମାନବୀୟ ମୂଲ୍ୟବୋଧ


ନିରୂପମା ଭୂୟାଁ

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି । ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ । ସେ ସବୁ ବିଶ୍ୱ ଜନୀନ ଏବଂ ସମସ୍ତ ମାନବଜାତିକୁ ଆକ୍ରାନ୍ତ କରୁଛି । ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି । ପ୍ଲାଷ୍ଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି । ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତି ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ । ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି ।

ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା । ଏହାର ପ୍ରକୃତ କାରଣ କ'ଣ ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି ? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ । ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମସ୍ତ ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ । ଭାରତରେ ଆଶ୍ରମ, ଧର୍ମ ସଂପ୍ରଦାୟର ମୁଖ୍ୟ, ଆଧ୍ୟାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ । ସେମାନେ ମଧ୍ୟ ବହୁସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧ୍ୟାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷ ମନ ନିରନ୍ତର ନିମ୍ନଗାମୀ ହେଉଛି । ଏହି ଅଧଃପତନ କାହିଁକି ? ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି । ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି । ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି । ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ । ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବ ଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି । ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି । ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ । ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା । ଆମର ରାଷ୍ଟ୍ର ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ । ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ । ଏହି ଦୁର୍ଗୁଣଗୁଡ଼ିକ କେବଳ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି । ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି । ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି ? ସେମାନେ କେବଳ ଦୁଷୀକରଣ ବୃଦ୍ଧି କରିପାରିବେ । ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ । ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ । ପବିତ୍ରତା ଅଙ୍କୁରିତ ହେବା ଉଚିତ । ବାଳକ, ବାଳିକା, ଶିଶୁ ଓ ଯୁବକମାନଙ୍କ ହୃଦୟରେ ସର୍ବତ୍ର ଚେର ମାଡ଼ିବା ଉଚିତ । ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ । ସେମାନେ ଏହାକୁ ମହାନ ସାଧନା ମନେ କରିବା ଉଚିତ ।

ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ । ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ । ସତ୍ୟ ଉପରେ ତାର ଆସ୍ଥା ନାହିଁ । ମିଥ୍ୟାଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ । ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ । ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ । ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି । ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ । ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେନାହିଁ । ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ । ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ । ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ । ସେ ଦିଗକୁ ସେ ଦୃଷ୍ଟି ଦିଏନାହିଁ । ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ । ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା ।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ । ଏହା ସତ୍ୟ ନୁହେଁ ମିଥ୍ୟା । ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ । ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ । ଏହା ସାମୟିକ ଏବଂ ସୀମିତ । ଅପରିବର୍ତ୍ତନୀୟ ହୋଇପାରିବ ନାହିଁ । ଏହିସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ । ଦୃଷ୍ଟାନ୍ତ ସ୍ୱରୂପ ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ । ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛିକ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି । ପାତ୍ର ହେଉଛି କେବଳ ମୃତ୍ତିକା, କୃତ୍ରିମ ଉପାୟରେ ଏହାକୁ ନାମରୂପ ପ୍ରଦାନ କରାଯାଇଛି । ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ, ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ । ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ । ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ । ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ । ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି । ପ୍ରକୃତ ବିଶ୍ୱ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି । ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି । ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା,*
*ପଳାଇ ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*

# ତ୍ରୁଟି ସୁଧାର ଜରୁରୀ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦୁଃଖଦ ବାହାନଗା ରେଳ ଦୁର୍ଘଟଣାକୁ ଇତିମଧ୍ୟରେ ୧ମାସ ପୁରି ଯାଇଥିବା ବେଳେ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଆଉ ୫ଜଣ ଆହତ ଯାତ୍ରୀଙ୍କ ମୃତ୍ୟୁ ଘଟିବା ଯୋଗୁଁ ମୃତ୍ୟୁ ସଂଖ୍ୟା ୨୯୩କୁ ବୃଦ୍ଧି ପାଇଛି । ଏବେ ବି ହସପିଟାଲରେ ଆହୁରି ୧୭ଜଣ ଚିକିତ୍ସାଧୀନ ଅଛନ୍ତି । ଗତ ୩ ଦଶନ୍ଧି ମଧ୍ୟରେ ସବୁଠାରୁ ଦୁଃଖଦ ଓ ଲୋମହର୍ଷଣକାରୀ ଥିବା ଏହି ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ମଧ୍ୟରୁ ବର୍ତମାନ ସୁଦ୍ଧା ୫୦ଜଣଙ୍କ ଶବ ଚିହ୍ନଟ ହୋଇପାରିନାହିଁ । ସମ୍ପର୍କୀୟମାନେ ନିଜ ପ୍ରିୟଜନଙ୍କ ମରଶରୀର ନେବା ପାଇଁ ଏବେ ବି ଚାତକ ପରି ଚାହିଁ ରହିଛନ୍ତି । ଏବେ ସେମାନଙ୍କ ପାଇଁ ଡିଏନଏ ପରୀକ୍ଷା ରିପୋର୍ଟ ଏକମାତ୍ର ଭରସା, ଯେଉଁଥିରେ ବିକୃତ ଶବଗୁଡିକୁ ଚିହ୍ନଟ ହୋଇପାରିବ । ଆହୁରି ମଧ୍ୟ ଦୁର୍ଘଟଣା ଏତେ ଭୟଙ୍କର ଏବଂ ଧ୍ୱଂସକାରୀ ଥିଲା ଯେ, ଏବେ ବି ସମ୍ପୃକ୍ତ ରେଳପଥରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ଭାବେ ସ୍ୱଭାବିକ ହୋଇପାରିନାହିଁ । ରେଳ ଦୁର୍ଘଟଣା ନେଇ ରେଳବାଇ ନିରାପତା କମିଶନର ଇତି ମଧ୍ୟରେ ତାଙ୍କ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି । ଦୁର୍ଘଟଣା ପାଇଁ ମଣିଷକୃତ ତୃଟି ଓ ସିଗ୍ନାଲ ଭୁଲ ଦାୟୀ ବୋଲି କୁହାଯାଇଛି । ରେଳବାଇ ନିରାପତା କମିଶନର (ସିଆରଏସ) ଏ.ଏମ.ଚୌଧୁରୀ ପ୍ରଦାନ କରିଥିବା ତଦନ୍ତ ରିପେର୍ଟରେ ୩ଟି କାରଣ ଉଲ୍ଲେଖ କରିଛନ୍ତି । ପ୍ରଥମ କାରଣଟି ହେଉଛି ଦୁଇଥର ତଥା ୨୦୧୮ରେ ଏବଂ ଦୁର୍ଘଟଣାର ଠିକ ୧ଘଂଟା ପୂର୍ବରୁ ହୋଇଥିବା ତୃଟିପୂର୍ଣ୍ଣ ମରାମତି କାର୍ଯ୍ୟ, ଯାହାକି ସର୍କିଟ ବଦଳାଯିବାରେ ବୈଷୟକି ତୃଟି ରହିଥିଲା । ଯାହା ସିଗନାଲ୍ ସିଷ୍ଟମ ସହ ସମ୍ପୃର୍ଣ୍ଣ ଇଂଟରଲକିଂ ସିଷ୍ଟମକୁ ପ୍ରଭାବିତ କରିବା ଫଳରେ ଦ୍ରୁତଗାମୀ କରମଣ୍ଡଳ ଏକ୍ସପ୍ରେସକୁ ଭୁଲ ସିଗ୍ନାଲ ଦେଇଥିଲା । ଅପ୍‌ମେନ ଲାଇନରେ ଯିବା ପାଇଁ ଗ୍ରୀନ ଲାଇଟ ଜଳିଥିଲା, ସେହି ସମୟରେ କରମଣ୍ଡଳରେ ବେଗ ଘଂଟା ପ୍ରତି ୧୨୭ କିଲୋମିଟର ଥିବାରୁ ଇଂଟରଲକିଂ ସିଷ୍ଟମରେ ତୃଟି ଯୋଗୁଁ ମେନ୍ ଲାଇନ ବଦଳରେ ଲୁପ ଲାଇନକୁ ଚାଲିଯାଇଥିଲା । ପୂର୍ବରୁ ଲୁପ୍ ଲାଇନରେ ଛିଡା ହୋଇଥିବା ମାଲଗାଡିକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଯାଇଥିଲା । ଦ୍ୱିତୀୟଟି ହେଉଛି, ଏହି ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିଥାନ୍ତା ମାତ୍ର ଘଂଟାକ ପୂର୍ବରୁ ହୋଇଥିଲା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ଭୁଲ ଥିଲା, ଯାହାକି ସିଗ୍ନାଲ ସତ୍ୱେ କରମଣ୍ଡଳ ଏକ୍ସପ୍ରେସକୁ ଲୁପ ଲାଇନରେ ଯିବାକୁ ବାଧ କରିଥିଲା । ସେହିପରି ୨୦୧୮ରେ ହୋଇଥିବା ତୃଟିପୂର୍ଣ୍ଣ ମରାମତିରେ ବୈଷୟିକ ତୃଟି ରହିଥିଲା । ପ୍ରଶ୍ନ ଉଠୁଛି ରେଳବାଇରେ ବହୁ ଦକ୍ଷ ଇଂଜିନିୟର କାର୍ଯ୍ୟ କରୁଥିବା ବେଳେ ଦୀର୍ଘ ୫ବର୍ଷ ମଧ୍ୟରେ ଏହି ତୃଟିକୁ ଠାବ କରିପାରିଲେ ନାହିଁ କିପରି/ ଏହା ଅବହେଳା ନା ଅପାରଗତା ଏନେଇ ତଦନ୍ତ ହେବା ଜରୁରୀ । ଉଲ୍ଲେଖ କରାଯାଇପାରେ ଯେ, ୨୦୧୮ ମସିହାରେ ତୃଟିପୂର୍ଣ୍ଣ ଓୟାରିଂ ଏବଂ କେବୁଲ ଫଲଟ୍(ଇଏଲବି) କାମ ଯୋଗୁଁ ପଶ୍ଚିମବଙ୍ଗର ଖଡଗପୁର ଡିଭିଜନରେ ଅନୁରୂପ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣା ପାଇଁ କେତେକ ଷ୍ଟେସନ ମ୍ୟାନେଜର ନୁହଁନ୍ତି, କ୍ଷେତ୍ର ପରିଦର୍ଶନ ଦାୟିତ୍ୱରେ ଥିବା କର୍ମଚାରୀମାନେ ଅଧିକ ଦାୟୀ କମିଶନର ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ଏଣିକି ରେଳଯାତ୍ରା କିପରି ସୁରକ୍ଷିତ ହୋଇପାରିବ ସେ ନେଇ ତୃଟି ବିହିନି ସିଗ୍ନାଲ ସିଷ୍ଟମକୁ ସୁନିଶ୍ଚିତ କରିବା ପାଇଁ କମିଶନର କେତେକ ସୁପାରିଶ କରିଛନ୍ତି ମଧ୍ୟ । ଆମେ ଅତୀତରେ ବାହାନଗା ଦୁର୍ଘଟଣା ମଣିଷକୃତ ବୋଲି ଏହି ସ୍ତମ୍ଭରେ ଦର୍ଶାଇଥିଲୁ । ତେବେ ଦୁର୍ଘଟଣା ପଛରେ ଷଡଯନ୍ତ୍ର ଥିବା ଆଶଙ୍କା କରି ଘଟଣାର ସିବିଆଇ ତଦନ୍ତ କାହିଁକି ଦିଆଗଲା, ତାହା ବୁଝାପଡୁନାହିଁ । ନିର୍ବାଚନୀ ବର୍ଷରେ କ'ଣ ଦୁର୍ଘଟଣାକୁ ଆତଙ୍କବାଦୀ କିମ୍ବା ଦୋଦ୍ରୋହିଙ୍କ କାର୍ଯ୍ୟ ବୋଲି ଦର୍ଶାଇବାକୁ ଉଦ୍ୟମ ହେଉଥିଲା ? ଇତିମଧ୍ୟରେ ସିବିଆଇ ତଦନ୍ତ ଆରମ୍ଭ କରିବାର ୧ମାସ ପୁରିବାକୁ ଯାଉଥିବାବେଳେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା କେବଳ ଅନ୍ଧାରରେ ବାଡି ବୁଲାଇବା ସାର ହୋଇଛି ବୋଲି କହିଲେ ହୁଏତ ଭୁଲ ହୋଇନପାରେ । ରେଳବାଇ ନିରାପତା କମିଶନରଙ୍କ ତଦନ୍ତ ରିପୋର୍ଟରେ ଏବେ ସବୁ କିଛି ସ୍ପଷ୍ଟ ହୋଇଯାଇଛି ବୋଲି କୁହାଯାଇପାରେ । ଏହା ସତ୍ୱେ ସିବିଆଇ ତଦନ୍ତ ରିପୋର୍ଟକୁ ଅପେକ୍ଷା କରିବା । ଏହା ନିଶ୍ଚିତ ଯେ, ଭାରତୀୟ ରେଳବାଇ ନେଟ୍‌ଓ୍ୱାର୍କ ହେଉଛି ବିଶ୍ୱର ସର୍ବବୃହତ ରେଳବାଇ ନେଟଓ୍ୱାର୍କ । ଦେଶରେ ବର୍ତମାନ ସୁଦ୍ଧା ମୋଟ ୨୨,୫୯୩ଟି ଯାତ୍ରୀ ଓ ମାଲବାହୀ ଟ୍ରେନ ଚଳାଚଳ କରୁଛି । ଏହା ମଧ୍ୟରେ ୧୩,୪୫୨ଟି ଯାତ୍ରୀ ରେଳ ରହିଛି, ତହିଁରେ ଦୈନିକ ୩କୋଟିରୁ ଉର୍ଦ୍ଧ୍ୱ ଲୋକ ଗମନାଗମନ କରିଥିବା ବେଳେ ୯୧୪୧ଟି ମାଲବାହୀ ଟ୍ରେନରେ ଦୈନିକ ଲକ୍ଷ ଲକ୍ଷ ଟନ ମାଲ ପରିବହନ ହୋଇଥାଏ । ଦେଶରେ ଯାତ୍ରୀ ଓ ମାଲପରିବହନର ସବୁଠୁ ବଡ ମାଧ୍ୟମ ହେଉଛି ରେଳ । ରେଳବାଇରେ ଯାତ୍ରୀ ଓ ମାଲପରିବହନକୁ ସୁରକ୍ଷିତ ରଖାଯିବା ଆବଶ୍ୟକତା ଜରୁରୀ ଥିବାବେଳେ ଏବେ ମାଲଗାଡି ଲାଇନ୍‌ଚ୍ୟୁତ ହେବା ଗଣମାଧ୍ୟମର ଶିରୋନାମା ପାଲଟିଛି । ଯାତ୍ରୀ ଓ ମାଲଗାଡି ଆଟିଂକୋଲାଜିମ୍ ସିଷ୍ଟମ (କବଚ) ଲଗାଯିବା ସହ ଯୁଦ୍ଧକାଳୀନ ଭିତିରେ ଟ୍ରାକ, ସିଗ୍ନାଲ ମରାମତି ଅତି ଆବଶ୍ୟକ ଓ ଜରୁରୀ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ନମଃ ସହସ୍ରଶିରସେ ସହସ୍ର ଚରଣାୟ ଚ...


ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଶ୍ରୀମଦ ଭାଗବତ ଗୀତାରେ ଭକ୍ତ ଅର୍ଜ୍ଜୁନଙ୍କୁ ଭଗବାନଙ୍କର ବିରାଟ ରୂପ ଦେଖାଇଲା ଭଳି, ଭକ୍ତ ବିଦ୍ୟାପତି ମଧ୍ୟ ନୀଳମାଧବ ତଥା ଜଗନ୍ନାଥ ମହାପ୍ରଭୁଙ୍କ ବିରାଟ ରୂପକକୁ ସ୍ତୁତି କରୁଛନ୍ତି – ତ୍ତପ୍ରଧାନପୁରୁଷାତୀତ ସର୍ବବ୍ୟାପିନ୍ ପରାତ୍ପର । ଚରାଚରପରିଣାମ ପରମାର୍ଥ ନମୋସ୍ତୁତେ ।। ନମସ୍ତେ ଦେବଦେବାୟ ତ୍ରୟୀରୂପାୟ ତେ ନମଃ । ଚନ୍ଦ୍ର ସୂର୍ଯ୍ୟାଦିରୂପେଣ ଜଗତ ଭାସୟତେ ସଦା ।। ବହୁପା ଦାଶୀର୍ଷାସ୍ୟ ବାହବେ ସର୍ବଜିଷ୍ଣବେ । ସର୍ବଜୀବସ୍ୱରୂପାୟ ନମସ୍ତେ ସର୍ବରୂପିଣେ ।। ନମସ୍ତେ କମଳାକାନ୍ତ ନମସ୍ତେ କମଳାନନେ । ନମଃ କମଳ ପ୍ରତ୍ରାକ୍ଷ ତ୍ରାହି ମାଂ ପୁରୁଷୋତ୍ତମ ।।' ଅର୍ଥାତ୍ ବିଦ୍ୟାପତି ସ୍ତୁତି କହୁଛନ୍ତି – ହେ ସର୍ବବ୍ୟାପି ! ହେ ପରାତ୍ପର ! ଆପଣ ପ୍ରକୃତ ପୁରୁଷର ଅତୀତ, ଚରାଚର ଜଗତର ପରମବସ୍ତୁ । ଆପଣଙ୍କୁ ନମସ୍କାର । ହେ ପ୍ରଭୁ ! ବେଦ-ତ୍ରୟ ଆପଣଙ୍କ ରୂପ । ଆପଣ ଦେବତା ମାନଙ୍କର ମଧ୍ୟ ଦେବତା । ଚନ୍ଦ୍ର ସୂର୍ଯ୍ୟାଦି ଜ୍ୟୋତିସ୍କ ରୂପରେ ସର୍ବଦା ଆବଣ ଜଗତକୁ ଆଲୋକିତ କରନ୍ତି । ମୁଁ ଆପଣଙ୍କୁ ନମସ୍କାର କରୁଛି । ଆପଣ ବହୁପାଦ, ବହୁ ମସ୍ତକ, ବହୁମୁଖ, ବହୁବାହୁ ଓ ସର୍ବବିଜୟୀ । ଆପଣ ସମସ୍ତଙ୍କର ଜୀବନ ସ୍ୱରୂପ । ଅଧିକନ୍ତୁ ଆପଣ ସର୍ବରୂପୀ । ଆପଣଙ୍କୁ ନମସ୍କାର କରୁଛି । ହେ କମଳାକାନ୍ତ ! ହେ ପଦ୍ମପଳାସଲୋଚନ ! ହେ ପୁରୁଷୋତ୍ତମ ! ଆପଣଙ୍କୁ ପୁନଃ ପୁନଃ ପ୍ରଣାମ କରୁଛି । ମୋତେ ଆପଣ ରକ୍ଷା କରନ୍ତୁ । ପବନ ନନ୍ଦନ ହନୁମାନ ମଧ୍ୟ ଭଗବାନ ରାମଙ୍କ ବିରାଟ ରୂପକୁ ସ୍ତୁତି କରି କହୁଛନ୍ତି – ତ୍ତନମଃ ସହସ୍ରଶିରସେ ସହସ୍ର ଚରଣାୟ ଚ । ସହସ୍ରାକ୍ଷାୟ ଶୁଦ୍ଧାୟ ରାଘବାୟ ଚ ବିଷ୍ଣେବେ ।।' ଅର୍ଥାତ୍ ହନୁମାନ କହୁଛନ୍ତି – ଆପଣଙ୍କର ସହସ୍ର ମସ୍ତକ, ସହସ୍ର ଚରଣ ଓ ସହସ୍ର ନେତ୍ର । ଆପଣ ବିଶୁଦ୍ଧ ବିଷ୍ଣୁ ସ୍ୱରୂପ । ହେ ରାଘବେନ୍ଦ୍ର ଆପଣଙ୍କୁ ନମସ୍କାର କରୁଛି । ସନ୍ଥ ତୁଳସୀ ଦାସ ମଧ୍ୟ ଭଗବାନ ରାମଙ୍କ ବିରାଟ ରୂପ ବର୍ଣ୍ଣନା କରି ଲେଖିଛନ୍ତି – ତ୍ତଉଦର ମାଝ ସୁନୁ ଅଣ୍ଡଜ ରାୟା । ଦେଖେଉଁ ବହୁ ବ୍ରହ୍ମାଣ୍ଡ ନିକାୟା ।। ଅତି ବିଚିତ୍ର ତହଁ ଲୋକ ଅନେକା । ରଚନା ଅଧିକ ଏକ ତେ ଏକା ।। କୋଟିନ ହି ଚତୁରାନନ ଗୌରୀସା । ଅଗନିତ ଉଡୁଗନ ରବିରଜନୀସା ।। ଅଗନିତ ଲୋକପାଳ ଜମ କାଲା । ଅଗନିତ ଭୁଧର ଭୂମି ବିସାଲା ।। ସାଗର ପରିସର ସରିସର ବିପିନ ଅପାରା । ନାନା ଭାଁତି ସୃଷ୍ଟି ବିସ୍ତାରା ।।'

କାକଭୁଷୁଣ୍ଡି ଖଗପତି ଗରୁଡ଼ଙ୍କୁ ଭଗବାନ ରାମଙ୍କ ସମ୍ପର୍କରେ କହୁଛନ୍ତି ତାଙ୍କ ଉଦର ମଧ୍ୟରେ ବହୁତ ପ୍ରକାର ବ୍ରହ୍ମାଣ୍ଡ ଦେଖିଲି, ଯାହାର ନିର୍ମାଣ କୌଶଳ ଏକରୁ ଏକବଳୀ ବିଚିତ୍ର । କୋଟି କୋଟି ବ୍ରହ୍ମା, ଶିବ, ସୂର୍ଯ୍ୟ, ଚନ୍ଦ୍ର, ତାରାଗଣ, ଲୋକପାଳ ଇତ୍ୟାଦି ଇତ୍ୟାଦି ଦେଖିଲି । ଉପରୋକ୍ତ ଉଦାହରଣରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ଭଗବାନ ରାମ ଓ ଜଗନ୍ନାଥ ମହାପ୍ରଭୁ ଉଭୟଙ୍କ ବିରାଟତ୍ୱ ପ୍ରତିପାଦିତ ହୋଇଛି ଉଭୟଙ୍କ ପରମ ପରାତ୍ପର ପରମ ବ୍ରହ୍ମ ସଚ୍ଚିଦାନନ୍ଦ ସ୍ୱରୂପ ।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩*

# ଜୀବନ ଯନ୍ତ୍ରଣାରେ ଅର୍ଥ ସାଜିଛି ବାଧକ--୧



ସମୟ ସ୍ରୋତରେ ସମସ୍ତେ କହନ୍ତି କେବଳ ଅର୍ଥାଭାବ ।
ଜୀବନ ବଂଚିବାରେ ବ୍ୟାପକ ବାଧକ ସାଜିଛି ଟଙ୍କା !
କି'ନ୍ତୁ କାହିଁକି, ହୁଏତ କେହି ବୁଝି ପାରନ୍ତି ନାହିଁ ଅଥବା
ଏହି ବିଷୟର ସମୀକ୍ଷା ଜ୍ଞାନ ନାହିଁ ?
ବିଚ୍ଚର କରିବା...

ପ୍ରାକୃତିକ ମଣିଷର ଜୀବନ ଶୈଳୀରେ ଅପ୍ରାକୃତିକ ଅନୁଭବ ଯେ ଦୁଃଖର କରାଳତା ସୃଷ୍ଟି କରୁଛି ଏକଥା କାହାର ଚେତନା ଜ୍ଞାନରେ ନାହିଁ । ଦୁନିଆର କ୍ରମନ୍ୱୟତା ଓ ସାମାଜିକ ବିଭୀଷିକା ଗୁଡିକୁ ପୂଙ୍ଖାନୁପୁଙ୍ଖ ପରୀକ୍ଷା କରିବା ତଥା ସେଗୁଡ଼ିକରେ ଭରି ରହିଥିବା ମାୟା ଜାଲର ଛନ୍ଦ ଗୁଡିକୁ ଜାଣିବା ସହଜ ହେଉନାହିଁ । ଚତୁର, ସର୍ବସାଧାରଣଙ୍କୁ ନିଃସ୍ୱ କରି ଲୁଣ୍ଠନର ଶିକାର କରିଚ୍ଚଲିଥିବା ଭଳି ବିଭୀଷିକାର କରାଳତା କାରଣରୁ ସାମାଜିକ ଅର୍ଥାଭାବ ଦେଖାଯାଇଥାଏ ବୋଲି ବୁଝି ନାହାନ୍ତି କେହି । ଚତୁର କେମିତି ଲୁଣ୍ଠନ କରନ୍ତି ପରୋକ୍ଷରେ ଯାହା ସାଧାରଣ ଲୋକଙ୍କ ପ୍ରତି ସେବା ଭଳି ଅନୁଭବ ହୋଇ ପ୍ରକୃତ ପକ୍ଷେ ପ୍ରତାରଣା ହୋଇଥାଏ, ବିଚ୍ଚର କରିବା... ଜଣେ ସାଧାରଣ ମଣିଷର ଦୈନନ୍ଦିନ ଜୀବନରେ ଯେତିକି ଆର୍ଥିକ ରୋଜଗାର ହୋଇଥାଏ ସେହି ଅର୍ଥର କେତେ ଭାଗ କେଉଁଭଳି ଖର୍ଚ୍ଚ ହୋଇଥାଏ ତାହାର କୌଣସି ହିସାବ ବୁଝିନଥା'ନ୍ତି କେହି । ସମୟକ୍ରମେ ଖର୍ଚ୍ଚ, ସଂଚୟ ଇତ୍ୟାଦି କେଉଁ ବାଟରେ ହୋଇଥାଏ ଏବଂ ତାହାର ପରିମାପକ କ'ଣ କାହାକୁ ଜଣାନାହିଁ । ସଂଚୟ, ଖର୍ଚ୍ଚ ଗୁଡିକ ସାମାଜିକ ନିବନ୍ଧନ ମଧ୍ୟରେ ରଖି ଆୟକୁ ବୃଦ୍ଧି କରିବା ଲକ୍ଷ ରଖୁଥିବା ମଣିଷଙ୍କ ସଂଖ୍ୟା ହୁଏତ ୯୯ ପାରି ଦେଖିବାକୁ ମିଳିବେ ଅନୁଧ୍ୟାନ କଲେ । ତେଣୁ ବେଳେ ବେଳେ କାହିଁକି, ପ୍ରାୟତଃ ସବୁ ସମୟରେ ସମସ୍ତ ବର୍ଗର ମଣିଷ ବିଭିନ୍ନ ଅନୈତିକ କାର୍ଯ୍ୟ କରି ଆହୁରି ଅଧିକରୁ ଅଧିକ ଅର୍ଥ ଆଦାୟ କରିବା ପାଇଁ ପ୍ରୟାଶରତ । ବିଡମ୍ବନାର ବିଷୟ ଏହାକି ଜଣେ ସାଧାରଣ ମଣିଷ ତା' ଜୀବନରେ କେତେ ଅର୍ଥ କେଉଁ ବାଟରେ ଆଦାୟ କରିଥାଏ ଏବଂ ସେଗୁଡିକର ବିନିଯୋଗ, ବ୍ୟୟ ଅଟକଳ କେମିତି କରିଥାଏ ତାହାର କୌଣସି ହିସାବ ନଥାଏ କାହା ପାଖରେ । ଅଧିକନ୍ତୁ ଆଦାୟ ଖର୍ଚ୍ଚର ତାଳମେଳ ତଥା ନିବେଶ ଅର୍ଥର ମୂଲ୍ୟାଙ୍କନ ବିଷୟରେ ମଧ୍ୟ ସାମ୍ୟକ ଜ୍ଞାନ ରହିନଥାଏ ସାଧାରଣ ମଣିଷଙ୍କର । ଏସବୁର ସୁଯୋଗ ନେଇ ସମାଜରେ କରାଳତା ସୃଷ୍ଟି କରୁଥିବା ବ୍ୟବସାୟୀ ଏବଂ ଅନ୍ୟାନ୍ୟ ଲୁଟେରାଙ୍କ ଶିକାର ହୋଇଥା'ନ୍ତି ସାଧାରଣ ନିର୍ବୋଧ । ତେଣୁ ବ୍ୟାପକ ରୋଜଗାର ଅବାଟରେ ଚ୍ଚଲି ଯାଉଥିବା କାରଣରୁ ମଣିଷକୁ ସବୁବେଳେ ଅଭାବ ଘେରି ରହିଥାଏ । ତାହାର ପ୍ରତିଫଳନ ସ୍ୱରୂପ ନିର୍ବୋଧ ମଣିଷ ଅହେତୁକ ଭାବେ ଅନୈତିକ କାର୍ଯ୍ୟ କରି ଅଧିକ ରୋଜଗାର କରିବା ପାଇଁ ମନ ବଳାଇ ଥାଏ ଏବଂ କରିଥାଏ ମଧ୍ୟ । କେଉଁ କେଉଁ ବାଟରେ ଆମର ରୋଜଗାର ଅର୍ଥ ଅହେତୁକ ଭାବେ ଖର୍ଚ୍ଚ ହେଉଛି ଏବଂ ସେଗୁଡିକର କୌଣସି ବାସ୍ତବିକ ସଜ୍ଞା ଅଛି ନା କେବଳ ସାମାଜିକ କୁହେଳିକା ମାଧ୍ୟମରେ ଶିକ୍ଷା କରିଥିବା ବିଭ୍ରାନ୍ତିକର ମନବୃତ୍ତିରୁ ତାହା ଉଦ୍ଧୃତ ବିଚ୍ଚର ପୂର୍ବକ କ'ଣ କଲେ ସେସବୁର ସମାଧାନ ହୋଇ ପାରିବ ଆଲୋଚନା କରି ଦେଖିବା...ଏମିତି କେତେକ ପରିବାର ସମାଜରେ ଦେଖିବାକୁ ମିଳନ୍ତି ଯାହାଙ୍କ ଦୈନନ୍ଦିନ ରୋଜଗାର ଖୁବ୍ କମ୍ ଥାଇ କେବଳ ପାରିପାର୍ଶ୍ୱିକ ପ୍ରତିଯୋଗିତା ମୂଳକ ଚିନ୍ତନ କାରଣରୁ କିଂଚିତ ଦୁଃଖ ଅନୁଭବ କରୁଥିଲେ ମଧ୍ୟ ପରିବାର ପ୍ରତିପୋଷଣ ତଥା ସେମାନଙ୍କ ଜୀବନ ବଂଚିବା ଶୈଳୀରେ ଆଦୌ ଦୁଃଖ ନଥାଏ । ସେହିଭଳି ପରିବାର ଅତ୍ୟନ୍ତ ନଗଣ୍ୟ ସଂଖ୍ୟକ ଥାଇ ପାରନ୍ତି ଦେଖିବାକୁ ଗଲେ । କି'ନ୍ତୁ ଅନେକ ପରିବାର ଯଥେଷ୍ଟ ରୋଜଗାର ଥାଇ ମଧ୍ୟ ସବୁବେଳେ ବିଭିନ୍ନ ଦୁଃଖଦ ମୁହୂର୍ତ୍ତରେ କାଳାତିପାତ କରୁଥିବା ନମୁନା ଯଥେଷ୍ଟ ଅଧିକ ଦେଖିବାକୁ ମିଳିବ ଅନୁସନ୍ଧାନ କରାଗଲେ । ହେଲେ ଏହି ଦୁଇଟି ପରିବାର ମଧ୍ୟରେ ପ୍ରଭେଦକୁ ଭେଦ କରିପାରିଲେ ଆମେ ବୁଝି ପାରିବା ଯେ ବାସ୍ତବରେ ସୁଖ ଦୁଃଖର କରାଳତାର ସୃଷ୍ଟି ହେଉଛି କେଉଁଠୁ ? ଏବଂ ଆମେ ସେଗୁଡିକର ସମାଧାନ କିପରି କରିପାରିବା । ପ୍ରକୃତି କୋଳରେ ଜନ୍ମ ହୋଇ ପ୍ରାକୃତିକ ଭାବେ ଜୀବନ ଅତିବାହିତ କରି କୌଣସି ଏକ ସମୟରେ ଇହଲୀଳା ସମ୍ବରଣ କରି ପୁଣି ପ୍ରକୃତି କୋଳରେ ମିଶିଯିବା ସମସ୍ତେ, ଏହି ଜ୍ଞାନ କାହାକୁ ଅଗୋଚର ? ତଥାପି ଜୀବନର ପଥ ଅତିକ୍ରମରେ କେତେଯେ ଅପ୍ରାକୃତିକ ମନୁଷ୍ୟକୃତ ଜୀବନ ଶୈଳୀ ଆପଣେଇ ନେଇଥା'ନ୍ତି ସମସ୍ତେ ଯାହା ସବୁ ସମ୍ପୃକ୍ତ ସାଧାରଣ ମଣିଷଙ୍କ ବ୍ୟକ୍ତିଗତ ବିଚ୍ଚର ଜନିତ ନୁହେଁ ବରଂ ସାମାଜିକ କୁହେଳିକା କାରଣରୁ । ସମାଜରେ ବିଭିନ୍ନ ଅପ୍ରାକୃତିକ ଭାବବିହ୍ୱଳତା ସୃଷ୍ଟି କରି ଚତୁର ବ୍ୟବସାୟୀ ସାଧାରଣ ମଣିଷଙ୍କୁ ଲୁଣ୍ଠନର ଶିକାର କରି ଅଜସ୍ର ଅର୍ଥ ରୋଜଗାର କରୁଛନ୍ତି ଯାହା ସାଧାରଣ ଲୋକଙ୍କ ଦୈନନ୍ଦିନ ଝାଳବୁହା ରୋଜଗାର ସମ୍ପୃକ୍ତି । ନିର୍ବୋଧ କି'ନ୍ତୁ ବୁଝିପାରେନି ଯେ ସେ କେମିତି ନିଷ୍ପେସିତ ହେଉଛି ବ୍ୟାପାରୀଙ୍କ ଦ୍ୱାରା । କେବଳ ସେମାନଙ୍କ ମିଥ୍ୟା ପ୍ରବଚନ ତଥା ଅଲୌକିକ ଦର୍ଶନରେ ବିମୁଗ୍ଧ ବିଭୋର ହୋଇ ଖର୍ଚ୍ଚ, ସଂଚୟ କରିଥାଏ ନିଜର ରୋଜଗାର ଅର୍ଥକୁ କେବଳ ବ୍ୟାପାରୀଙ୍କୁ ପୋଷିବା ପାଇଁ । ଆଉ ତାହାର ପ୍ରତିଫଳନରେ ଅର୍ଜେ କେବଳ ଅଜସ୍ର ଟଙ୍କା ଆଉ ଅନୈତିକ କାର୍ଯ୍ୟ କରି ସାମାଜିକ ଅପବାଦ ତ ଆଉ କେତେବେଳେ ମାନସିକ ଅଶାନ୍ତି ଅଥବା ଶାରୀରିକ କ୍ଳେଶ ଯାହା ମୃତ୍ୟୁର ଦ୍ୱାରସ୍ଥ କାଇଥାଏ ତାକୁ । ଏଥିରୁ ନିସ୍ତାର ନାହିଁ, ନା ଆମରି ହାତରେ ରହିଛି ଏହାର ସମାଧାନ, ବିଚ୍ଚର କରିବା...ପ୍ରଥମ ପରିବାରଟି କ'ଣ କରୁଛି ଯଦ୍ୱାରା ତା ଘରେ, ପରିବାରରେ କୌଣସି ଦୁଃଖ ନାହିଁ ଏବଂ ଦ୍ୱିତୀୟ ପରିବାରଟି କେଉଁ କାରଣରୁ ସଦା ସର୍ବଦା ଦୁଃଖରେ ଘ୍ରି ହେଉଛି ତର୍ଜମା କରିବା । ଉପସ୍ଥିତ ସମୟରେ ଆମ ସମାଜରେ ଯାହା ସବୁ ମନୁଷ୍ୟକୃତ ଅପ୍ରାକୃତିକ କାର୍ଯ୍ୟ କରୁଛି ମଣିଷ ସେଗୁଡିକ ମଧ୍ୟରେ କେତେ ମାଧ୍ୟମରେ ଆମେ ଅର୍ଥ ହାନି କରିଥାଉ ଯାହା ପ୍ରଥମ ପରିବାରଟି ତାହାଠାରୁ ଦୁରେଇ ରହି ନିଜର ଖର୍ଚ୍ଚକୁ ନିୟନ୍ତ୍ରିତ କରିଥାଏ ଏବଂ ଦ୍ୱିତୀୟ ପରିବାରର କେଉଁ କାରଣରୁ ଅତ୍ୟଧିକ ଅର୍ଥ ଆବଶ୍ୟକ ହୋଇଥାଏ ଏବଂ ଏହି ଦୁଇଟି ମଧ୍ୟରେ ପ୍ରଭେଦ କ'ଣ ? ପ୍ରଥମ କଥା ହେଉଛି ମଣିଷ ନିଜକୁ ଅପ୍ରାକୃତିକ ସାମାଜିକ କରାଳତା ମଧ୍ୟରେ ଅହରହ ଅଶାନ୍ତିରେ ବଂଚିବାର ପ୍ରୟାସ ନିଜେହିଁ କରୁଛି ଯାହା ପ୍ରଥମ ପରିବାର କରନ୍ତି ନାହିଁ ! ଦ୍ୱିତୀୟତଃ ଆବଶ୍ୟକତା ନଥିବା କାରଣରୁ କୌଣସି ଅନୈତିକ କାର୍ଯ୍ୟ ନକରି ମାନସିକ ଶାନ୍ତିରେ ରହିଥା'ନ୍ତି ପ୍ରଥମ ପରିବାର ଯାହା ଦ୍ୱିତୀୟ ପରିବାରରେ ସମ୍ଭବ ହେଉନଥିବା କାରଣରୁ ସବୁବେଳେ ଦୁଃଖୀ ରହିଥା'ନ୍ତି ସେମାନେ । (କ୍ରମଶଃ)

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ-୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଡାମ ବିଧାନସଭା ନିର୍ବାଚନ ମଣ୍ଡଳୀ (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରାଝର ଜିଲ୍ଲାର ଏକ ବିଜେପି ନେତା ଅରୂପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେୱାନିଙ୍କ ଟ୍ୱିଟ୍ କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ଼ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ହୋଇଥିବାରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତୀବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଜନ୍ମଭୂମିକୁ ପଠାଇବାର ବ୍ୟବସ୍ଥା କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା’ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃ ି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବ ୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

## ମଇ ୨୦୨୨ ପାଇଁ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଆସନ୍ତା ମଇ ମାସ ୨୦୨୨ ବର୍ଷ ପାଇଁ ୨, ୯, ୧୭, ୨୩ ଓ ୩୧ ତାରିଖ ଦିନ ଜିଲ୍ଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ମଇ ୨ ତାରିଖ ଦିନ ରେମୁଣା ବ୍ଲକ କାର୍ଯ୍ୟାଳୟ, ମଇ ୯ ତାରିଖ ଦିନ ବସ୍ତା ବ୍ଲକ କାର୍ଯ୍ୟାଳୟ, ମଇ ୧୭ତାରିଖ ଦିନ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ, ମଇ ୨୩ତାରିଖ ଦିନ ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ଏବଂ ମଇ ୩୧ ତାରିଖ ଦିନ ନୀଳଗିରି ବ୍ଲକ କାର୍ଯ୍ୟାଳୟରେ ଏହା ଅନୁଷ୍ଠିତ ହେବ । ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହିବେ । ସକାଳ ୭ ଘଟିକା ଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଏହା ଚାଲିବ । ଏଥିରେ ଜନସାଧାରଣ ସେମାନଙ୍କର ବିଭିନ୍ନ ଅଭିଯୋଗ ଉପସ୍ଥାପନ କରିପାରିବେ ।

## ଭଗାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଅଭିଭାବକମାନଙ୍କ ବୈଠକ ଅନୁଷ୍ଠିତ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଅଭିଭାବକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ସଭାପତି ଜଟେଶ୍ୱର ନନ୍ଦ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସମ୍ପାଦକ ରାଜେନ୍ଦ୍ର କୁମାର ମାଝୀ ଏବଂ ସମ୍ମାନୀତ ଅତିଥି ଭାବେ କୋଷାଧ୍ୟକ୍ଷ ବନମାଳୀ ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତିକରଣ ବିଷୟରେ ଆଲୋଚନା କରିଥିଲେ । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ମହାନ୍ତ ବୈଠକ ପରିଚାଳନା କରିଥିବା ବେଳେ ଶେଷରେ ବନ୍ଦେ ମାତାରମ୍ ସଙ୍ଗୀତ ଗାନ କରି ସଭା ସାଙ୍ଗ କରାଯାଇଥିଲା ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲା ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କ ୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବ ମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ‘ ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛଁ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ‘ ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ‘ ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ‘ ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭ ି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ‘ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ‘ ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କ ୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛଁ । ତେଣୁ ଏହା ମଧ୍ୟ ଅନୁଧାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କ ୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେ ପ୍ଲା ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଳାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କ ୃପକ୍ଷ ଭରଣା କରୁଛଁ । ସ୍ୱରେଜ୍ ବୋର୍ଡ କ ୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛଁ ତାହା ତଦ‘ ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ’ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ‘ ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ‘ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କ ୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛଁ । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ‘ ପ୍ରକଳ୍ପର ହସ୍ତା‘ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ‘ୋଷ ବିଶ୍ୱାଳ ଓ କୀ ନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ ‘ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨’ ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଊର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରଜନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ । ଏହା ସବୁ ଜ୍ଞାତସାରରେ ଶିକ୍ଷାଧିକାରୀମାନେ ଶିକ୍ଷକମାନଙ୍କର ନ୍ୟାୟୋଚିତ ଦାବୀକୁ କାର୍ଯ୍ୟ କରୁ ନଥିବାରୁ ସେମାନଙ୍କ ବିରୁଦ୍ଧାଚରଣ କରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ନିଆ ଯାଇଥିଲା । ଜଣେ ୩୫ ବର୍ଷ ଧରି ଶିକ୍ଷକତା କରି ସାରି ଅବସର ଗ୍ରହଣ ପରେ ଖାଲି ହାତରେ ଫେରିବାକୁ ପଡୁଥିବା ବେଳେ ପୁରୁଣା ପେନସନକୁ ପୁନର୍ବାର ପ୍ରଚଳନ କରିବାକୁ ଦାବୀ କରାଯାଇଥିଲା ଗ୍ରୀଷ୍ମ ଛୁଟିରେ ବ୍ରିଜ କୋର୍ସ ପାଇଁ ପାଇଁ ନିର୍ଦ୍ଧାରଣ କରାଯାଇ ସମୟକୁ ପରିବର୍ତନ କରିବାକୁ ସଂଘ ପକ୍ଷରୁ ଦାବୀ ହୋଇଛି । ପୂର୍ବାହ୍ନ ୬ ଘଟିକାରୁ ୯ ଘଟିକା ପରିବର୍ତେ ପୂର୍ବାହ୍ନ ସାଢେ ୬ ଟାରୁ ପୂର୍ବାହ୍ନ ୯ ଘଟିକା ପର୍ଯ୍ୟନ୍ତ କରିବାକୁ ଦାବୀ କରାଯାଇଥିଲା । ବ୍ଲକର ସଂଘ ଓ ଜିଲ୍ଲା ସଂଘକୁ ପୁନଃ ଗଠନ କରିବାକୁ ନିଷ୍ପତି ହୋଇଥିଲା । ପୁରୁଣା ପେନସନ ବ୍ୟବସ୍ଥା, ଗ୍ରେଡ ପେ ବୃଦ୍ଧି ଓ ୬ ବର୍ଷ ଠିକା କାର୍ଯ୍ୟ କଲା ପରେ ମୂଳ ଚାକିରୀରେ ଗଣନା କରିବା ଦାବୀରେ ପ୍ରାଥମିକ ବିଦ୍ୟାଳୟ ସଂଘ ଖୋର୍ଦ୍ଧା ଜିଲ୍ଲା ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତି ହୋଇଥିଲା । ଏଥିରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ବିଭୂପ୍ରସାଦ ସାହୁ, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ, ରାଜ୍ୟ ଉପଦେଷ୍ଟା ପ୍ରସନ୍ନ କୁମାର ଜେନା ଓ ସୁଶାନ୍ତ ମଲିକ ପ୍ରମୁଖ ଯୋଗଦେଇଥିଲେ ।

## ନନ୍ଦରା ଗ୍ରାମ ନିକଟରେ ଓଲଟିଲା ଆମ୍ବୁଲାନ୍ସ



ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖରବା ଗ୍ରାମର ପନ୍ଦନ ଜୁଆଙ୍ଗଙ୍କ ପତ୍ନୀ କମଳା ଜୁଆଙ୍ଗଙ୍କ ଏକ ଶିଶୁ ପୁତ୍ର ଜନ୍ମ ହୋଇଥିବାରୁ ଆଶା କର୍ମୀ ଉଭୟ ମା’ ଓ ଶିଶୁପୁତ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ଆଣୁଥିଲେ । ଏହି ସମୟରେ ନନ୍ଦରା ଗ୍ରାମ ନିକଟରେ ସମ୍ମୁଖରୁ ଆସୁଥିବା ଏକ ବାଇକ୍ ଚାଳକଙ୍କୁ ବ ାଇବାକୁ ଯାଇ ଆମ୍ବୁଲାନ୍ସ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଆମ୍ବୁଲାନ୍ସଟି ଓଲଟି ପଡିଥିଲା । ସୌଭାଗ୍ୟବଶତଃ ମା’ ଏବଂ ନବଜାତ ଶିଶୁ ସହିତ କାହାର କିଛି କ୍ଷତି ଘଟି ନ ଥିବା ବେଳେ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ସେମାନଙ୍କୁ ଅଣାଯାଇଥିବା ଜଣାପଡିଛି ।

## ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ାସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକ ୀ ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୁମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ତ୍ରୈଲୋଚନ ସାହୁ, ଜ୍ୟୋତ୍ସ୍ନା ଦାସ, ମାଳତୀ ପଣ୍ଡା, କୀ ନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃ ି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେଷ୍ଣା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Thursday September 14, 2023 ଭୁବନେଶ୍ୱର ଗୁରୁବାର, ସେପ୍ଟେମ୍ବର ୧୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଲଗାଣ ବର୍ଷାରେ ଘରର କାନ୍ଥ ଭାଙ୍ଗିଲା;ଅଳ୍ପକେ ବର୍ତ୍ତିଲେ ପରିବାର



ପଟାଙ୍ଗି,(ପି.ଏ ନ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ରାଜପୁଟ ପଞ୍ଚାୟତ ପାତ୍ରପୁଟ ଗାଁରେ ଗତ ଦୁଇ ଦିନ ହେଲା ଲଘୁଚାପ ଜନିତ ପ୍ରବଳ ବର୍ଷାରେ ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ସେମିଳିଗୁଡ଼ା ବ୍ଲକ ରାଜପୁଟ ପଞ୍ଚାୟତ ପାତ୍ରପୁଟ ଗ୍ରାମର ଜମୁ ମୁଦୁଲିଙ୍କ ଘର ପ୍ରବଳ ବର୍ଷା ଯୋଗୁଁ ଭୁଶୁଡ଼ି ପଡିଲା ଘରର କାନ୍ଥ। ତେବେ ଉଭୟ ପରିବାରର ସଦସ୍ୟ କେହି ଘରେ ନ ଥିବାରୁ ଅଳ୍ପକେ ବର୍ତ୍ତୀ ଯାଇଥିବା ଜଣାପଡିଛି। ରାଜପୁଟ ପଞ୍ଚାୟତର ପାତ୍ରପୁଟ ଗାଁରେ ଦେଖିବାକୁ ମିଳିଛି ଏହି ଘଟଣା।ସେମିଳିଗୁଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ସୋମବାର ଅପରାହ୍ନରେ ପ୍ରବଳ ବର୍ଷା ଲାଗି ରହିଥିଲା। ଫଳରେ ପାତ୍ରପୁଟ ଗାଁରେ ଥିବା ଘରର ଦୁର୍ବଳ କାନ୍ଥଗୁଡିକ ଭୁଶୁଡ଼ି ପଡିଛି। ବିଧବା ପରିବାରଙ୍କ ପିଲାମାନେ ୫ ପ୍ରାଣୀ କୁଟୁମ୍ବ ପରିବାର ଥିବା ବେଳେ ଦିନ ମଜୁରିଆ ଏକୁଟିଆ ମା ବାହାରକୁ ଯାଇଥିବାରୁ ଘର କାନ୍ଥ ଭୁଶୁଡିବା ସମୟରେ ଘରେ କେହି ନଥିବାରୁ ସୌଭାଗ୍ୟ ବଶତଃ କିଛି ଅଘଟଣ ଘଟି ନଥିବା ବେଳେ ଘରେ ଥିବା ଖାଦ୍ୟ ସାମଗ୍ରୀ, ଲୁଗାପଟା, ଆଦି ଉପରେ କାନ୍ଥ ପଡି ଯିବାରୁ କିଛି କ୍ଷତି ହୋଇଥିବା ଜଣାପଡିଛି। କାନ୍ଥ ପଡିଯିବା ସମ୍ପର୍କରେ ଗ୍ରାମବାସୀ ତୁରନ୍ତ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିବା ବେଳେ ରାଜପୁଟ ପଞ୍ଚାୟତ ସରପଞ୍ଚ ପିତାମ୍ବର କ୍ରିଷାନି, ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବାକୁ ଯାଇ ଉଭୟ ପରିବାରଙ୍କୁ କ୍ଷତିପୂରଣ ଦେବା ପାଇଁ କହିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ ସେ ପଟେ ମୁଖିବିଡେଇ କାଙ୍ଗ୍ରା ଗ୍ରାମରେ ମଧ ଘର ଗୁଡାକ ଭାଙ୍ଗି ଯାଇଥିବା ଜଣାପଡିଛି, ଯେ ଦୀର୍ଘ ଦିନ ଧରି ଗାଁରେ ମାଟି ଶାଳ ଘର କରାଯାଇଥିଲା, ଯାହାର କାନ୍ଥ ଗୁଡିକ ଏବେ ଦୁର୍ବଳ ଅବସ୍ଥାରେ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଲଗାଣ ବର୍ଷାରେ ଘର କାନ୍ଥ ଗୁଡିକ ଭାଙ୍ଗି ଯାଉଥିବା ଗ୍ରାମବାସୀ କହିଛନ୍ତି। ଏହି ପରିବାର ଅତି ଗରିବ ଥିବା ଯୋଗୁଁ ତୁରନ୍ତ ଇନ୍ଦ୍ରା ଆବାସ ଯୋଜନାରେ ସାମିଲ କରାଯିବକୁ ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନଙ୍କୁ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ୧୫ କେଜି ଗଞ୍ଜା ଜବତ, ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା,(ପିଏନ):ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗର ଭ୍ରାମ୍ୟମାଣ ୟୁନିଟ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ବାଗଲପୁର ଗ୍ରାମରୁ ୧୫କେଜି ଗଞ୍ଜା ଜବତ କରିବା ସହ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।ଜିଲ୍ଲା ଅବକାରୀ ବିଭାଗ ଇନିସପେକ୍ଟର ଆଲୋକ କୁମାର ପ୍ରଧାନଙ୍କ ସୂଚନା ଅନୁଯାଇ ବାଗଲପୁର ଗ୍ରାମର ପ୍ରମୋଦ କୁମାର ସାହୁଙ୍କ ଠାରୁ ୧୫ କେଜି ଗଞ୍ଜା ଜବତ କରିଛି।ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି ।ଏହି ଚଢ଼ାଉରେ ଅବକାରୀ ବିଭାଗର ଭ୍ରାମ୍ୟମାଣ ମୋବାଇଲ ୟୁନିଟର ଇନିସପେକ୍ଟର ଜୟନ୍ତୀ ସାହୁଙ୍କ ନେତୃତ୍ୱ ନେଇଥିଲେ ।

## ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସାଂଯୋଜକ ଭାବେ ପ୍ରଶାନ୍ତ ସ୍ୱାଇଁ ମନୋନୀତ

ନିମାପଡ଼ା,(ପି. ଏନ): ପୁରୀ ଜିଲ୍ଲା ନିମାପଡା ନିର୍ବାଚନ ମଣ୍ଡଳୀ ର ଗୋପ ପଞ୍ଚାୟତ ର ଯୁବ ବିଜେପି ନେତା ପ୍ରଶାନ୍ତ କୁମାର ସ୍ୱାଇଁ ଙ୍କୁ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଂଯୋଜକ ଭାବେ ମନୋନୀତ କରାଯାଇଛି। ସମଗ୍ର ପୁରୀ ଜିଲ୍ଲାଟି ହେଉଛି କୃଷି ପ୍ରଧାନ ଅଞ୍ଚଳ ଭାବେ ଜଣାଶୁଣା। ଏହି ଜିଲ୍ଲାର ସମସ୍ତ ବ୍ଲକ ରେ ଥିବା ପଞ୍ଚାୟତ ଗୁଡିକ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ କ୍ଷ ବିଶେଷ କରି ଧାନ, ପାନ, ମିନ, ପନିପରିବା, ଦୁଗ୍ଧ ଉତ୍ପାଦନ, ପର୍ଯ୍ୟଟନ ଶିଳ୍ପ, ନଦୀ , ନାଳ,ଭରପୁର ମାନବ ସମ୍ବଳ ରେ ପରିପୂର୍ଣ୍ଣ ଥିବା ସତ୍ତ୍ୱେ ଉକ୍ତ ଅଞ୍ଚଳ କୁ ବିନିଯୋଗ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ତେଣୁ ଏ ସବୁ ପ୍ରାକୃତିକ ସମ୍ପଦ କୁ ସଦଉପଯୋଗ କରି ଯୁବ ଚାଷୀଙ୍କୁ ଉନ୍ନତ ପ୍ରଣାଳୀରେ କମ୍ ବିନିଯୋଗ ରେ ଅଧିକ ଫସଲ ଉତ୍ପାଦନ କରାଇବା ସହ ମାର୍କେଟ ଲିଙ୍କ ?ଜ୍ ପାଇଁ ବ୍ୟବସ୍ଥା କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚାଷୀ କଲ୍ୟାଣ ଯୋଜନା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି , ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ କିଷାନ କ୍ରେଡିଟ୍ କାର୍ଡ , ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଆଦିର ଫାଇଦା କିପରି ସମଗ୍ର ପୁରୀ ଜିଲ୍ଲାର ଚାଷୀ ମାନେ ପାଇପାରିବେ ସେ ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରଶାନ୍ତ ଗଣମାଧ୍ୟମ କୁ କହିଛନ୍ତି। ଏଥିପାଇଁ ପୁରୀ ଜିଲ୍ଲାର ସମସ୍ତ ଚାଷୀ ସଂଗଠନ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ଏକାଠି କରାଯାଇ ସରକାର ଙ୍କ ବିଭିନ୍ନ ଯୋଜନା କିପରି ଚାଷୀ ମାନେ ପାଇପାରିବେ ସେ ଦିଗରେ ଦୃଷ୍ଟି ଦିଆଯିବ ବୋଲି ସେ ସୂଚନା ଦେଇଥିଲେ। ବିଭିନ୍ନ ବ୍ୟକ୍ତିବିଶେଷ, ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ୱେଷ୍ଟର୍ଣ୍ଣ ଡିଜିଟାଲ ପକ୍ଷରୁ ଡବ୍ଲ୍ୟୁଡି ବ୍ଲୁ ଏସ୍ଏନ୍୫୮୦ ଏନ୍ଭିଏମ୍ଇ ଏସ୍ଏସ୍ଡିର ବଜାର ପ୍ରବେଶ

ଭୁବନେଶ୍ୱର,(ପି.ଏନ): ୱେଷ୍ଟର୍ଣ୍ଣ ଡିଜିଟାଲ ପକ୍ଷରୁ ଭାରତରେ ଏହାର ନୂଆ ଡବ୍ଲ୍ୟୁ ବ୍ଲୁ ଏସ୍ଏନ୍୫୮୦ ଏନ୍ଭିଏମ୍ଇ ସଲିଡ୍ ଷ୍ଟେଟ୍ ଡ୍ରାଇଭ୍ (ଏସ୍ଏସ୍ଡି)ର ବଜାର ପ୍ରବେଶ କରାଯାଇଛି। ଏହି ନୂଆ ଏନ୍ଭିଏମ୍ଇ ପିସିଏଲ୍ଇ ଜେନ୍ ୪.୦ ଇଂଟରନାଲ ଫ୍ଲାଶ୍ ଡ୍ରାଇଭ୍ ଉତ୍ସାହୀ କ୍ରିଏଟିଭ୍ କମ୍ୟୁନିଟି ଓ ପ୍ରଫେସ୍ନାଲଙ୍କ ପାଇଁ ବର୍ତମାନର ପିସିଗୁଡିକୁ ଅପ୍ଗ୍ରେଡ୍ କରିବା କିମ୍ବା ଏକ କଷ୍ଟମ ବିଲ୍ଡକୁ ଉନ୍ନତ କରିବା ସମୟରେ ବ୍ୟବହାର କରିବା ଲାଗି ଉଦ୍ଦେଶ୍ୟ-ନିର୍ମିତ ଅଟେ। ଏହି ଏସ୍ଏସ୍ଡି ୪୧୫୦ ଏମ୍ବି/ଏସ୍ ପର୍ଯ୍ୟନ୍ତ ରିଡ୍ ସ୍ପିଡ୍ ପ୍ରଦାନ କରୁଥିବା ବେଳେ ଏହା ୨ ଟିବି ପର୍ଯ୍ୟନ୍ତ ଷ୍ଟୋରେଜ୍ ସହ ଆସୁଛି ଏବଂ ଏକ ୧ଟିବି ଡ୍ରାଇଭ୍ ପାଇଁ ଏହାର ପ୍ରାରମ୍ଭିକ ମୂଲ୍ୟ ୪୫୯୯ ଟଙ୍କା ରହିଛି। ଏହି ନୂତନ ଉତ୍ପାଦ ସମ୍ପର୍କରେ ଭାରତରେ ୱେଷ୍ଟର୍ଣ୍ଣ ଡିଜିଟାଲର ସେଲ୍ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଖାଲିଦ୍ ୱାନି କହିଛନ୍ତି, 'ଭାରତରେ ନିମଜ୍ଜିତ ଡିଜିଟାଲ କଂଟେଂଟ୍ ପାଇଁ ଚାହିଦା ବୃଦ୍ଧି ପାଉଥିବାରୁ ଉଚ୍ଚ-ପ୍ରଦର୍ଶନକ୍ଷମ ଟୁଲ୍ଗୁଡିକର ଚାହିଦା ମଧ୍ୟ ବଢିଛି। ଦ୍ରୁତ ଏନ୍ଭିଏମ୍ଇ ପସିଏଲ୍ଇ ଜେନ୍ ୪.୦ ଟେକ୍ନୋଲୋଜି ସହିତ ଡବ୍ଲ୍ୟୁଡି ବ୍ଲୁ ଏସ୍ଏନ୍୫୮୦ ଏନ୍ଭିଏମ୍ ଏସ୍ଏସ୍ଡି ଖୁବ୍ଶୀଘ୍ର ଡାଟା ଲୋଡ୍ କରିଥାଏ। ଏହାର ପତଳା ଏମ୍.୨ ଫର୍ମ ଫ୍ୟାକ୍ଟରରେ ୨ ଟିବି ପର୍ଯ୍ୟନ୍ତ କଂଟେଂଟ୍ ରହିଥାଏ ,ବଂ ୫ ବର୍ଷର ଲିମିଟେଡ୍ ୱାରେଂଟ୍ ମାନସିକ ଶାନ୍ତି ପ୍ରଦାନ କରିଥାଏ।'ଇଣ୍ଡିଆ, ମିଡିଲ୍ ଇଷ୍ଟ ଓ ଟିଆଇଏରେ ୱେଷ୍ଟର୍ଣ୍ଣ ଡିଜିଟାଲର ମାର୍କେଟିଂ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଜଗନ୍ନାଥନ୍ ଚେଲିଆ କହିଛନ୍ତି, 'ଆଜିର କଂଟେଂଟ୍ କ୍ରିଏଟରମାନେ ଶୀଘ୍ର ଲୋଡିଂ ସମୟ ଆବଶ୍ୟକ କରୁଥିବାରୁ ୱେଷ୍ଟର୍ଣ୍ଣ ଡିଜିଟାଲ ଡବ୍ଲ୍ୟୁ ବ୍ଲୁ ଏସ୍ଏନ୍୫୮୦ ଏନ୍ଭିଏମ୍ଇ ଏସ୍ଏସ୍ଡିର ଲଂଚ୍ ସହିତ ଉକ୍ତ ସମସ୍ୟାକୁ ଦୂର କରିଛି। ଏହାକୁ ଉତ୍ପାଦକତା ବଢାଇବା ପାଇଁ ଡିଜାଇନ୍ କରାଯାଇଛି ଏବଂ ଏହା ଦୀର୍ଘ ସମୟର ଫାଇଲ୍ ଟ୍ରାନ୍ସଫର ଓ ମନ୍ଥର ପ୍ରୋଗ୍ରାମ ଲୋଡିଂର ଚିନ୍ତା ବିନା ଅଧିକ କ୍ରିଏଟ୍ କରିବା ପାଇଁ କ୍ରିଏଟିଭ୍ ପ୍ରଫେସ୍ନାଲଙ୍କୁ ସକ୍ଷମ କରୁଛି।' ଡବ୍ଲ୍ୟୁଡି ବ୍ଲୁ ଏସ୍ଏନ୍୫୮୦ ଏନ୍ଭିଏମ୍ ଏସ୍ଏସ୍ଡି କ୍ରୟ ପାଇଁ https://www.amazon.in/dp/B0C8XMH୨୬ ରେ ଏବଂ ନିର୍ଦ୍ଧିଷ୍ଟ ରିଟେଲର, ଇ-ରିଟେଲ୍, ରିସେଲର୍ ଓ ସିଷ୍ଟମ ଇଂଟିଗ୍ରେଟେର୍ଙ୍କ ନିକଟରେ ଉପଲବ୍ଧ ରହିଛି ଏବଂ ଏହା ୫ ବର୍ଷର ୱାରେଂଟି ସହିତ ଆସୁଛି। ଏହାର କ୍ଷମତା ୨୫୦ ଜିବିରୁ ୨ ଟିବି ପର୍ଯ୍ୟନ୍ତ ରହିଛି।

## ନେକ୍ସସ୍ ଏସ୍ପ୍ଲାନେଡ୍ ଘୋଷଣା କରିଛି 'ଦ ଗ୍ଲସ୍ ବକ୍ସ'

ଭୁବନେଶ୍ୱର,(ପି.ଏନ): ଭାରତର ସର୍ବବୃହତ୍ ରିଟେଲ୍ ପ୍ଲାଟ୍ଫର୍ମ ନେକ୍ସସ୍ ମଲ୍ ସୌନ୍ଦର୍ଯ୍ୟ ଓ ସୁସ୍ଥତା ଶିଳ୍ପର ଭବିଷ୍ୟତକୁ ପୁନଃବ୍ୟାଖ୍ୟା କରିବା ଏବଂ ଆପଣଙ୍କୁ ଏକ ସୌନ୍ଦର୍ଯ୍ୟ ଅନୁଭୂତିରେ ନିମଜ୍ଜିତ କରିବା ପାଇଁ ଏହାର ବ୍ରାଣ୍ଡ ପୋର୍ଟଫୋଲିଓ ଅଧିନରେ ୧୭ଟି ମଲ୍ରେ ଦେଶବ୍ୟାପୀ ଏକ ସ୍ୱତନ୍ତ୍ର କସ୍ମେଟିକ୍ସ, ଗ୍ରୁମିଙ୍ଗ୍ ଓ ୱେଲନେସ୍ କ୍ୟାମ୍ପେନ୍ 'ଦ ଗ୍ଲସ୍ ବକ୍ସ'ର ଶୁଭାରମ୍ଭ କରିବା ପାଇଁ ପ୍ରସ୍ତୁତ ରହିଛି। ଏହି 'ଦ ଗ୍ଲସ୍ ବକ୍ସ' ସେପ୍ଟେମ୍ବର ୮ ତାରିଖ ୨୦୨୩ରୁ ଲାଇଭ୍ ରହିଛି ଯାହା ନେକ୍ସସ ମଲ୍ ପୋର୍ଟଫୋଲିଓରେ ଅଗ୍ରଣୀ ଭାରତୀୟ ଓ ଆନ୍ତର୍ଜାତୀୟ ବିୟୁଟି ଓ ୱେଲନେସ୍ ବ୍ରାଣ୍ଡ, ପ୍ରଖ୍ୟାତ ମେକ୍ଅପ୍ ଆର୍ଟିଷ୍ଟ, ବିୟୁଟି ଏକ୍ସପର୍ଟ ଓ ବ୍ଲଗର୍ମାନଙ୍କ ପାଇଁ ଆୟୋଜକ ଭୂମିକା ଗ୍ରହଣ କରି ବିୟୁଟି ଓ ୱେଲନେସ୍ ଦୁନିଆରେ ଏକ ନୂଆ ବେଂଚ୍ମାର୍କ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ଏଠାରେ ପ୍ରିମିୟମ କସ୍ମେଟିକ୍ ଓ ୱେଲ୍ନେସ୍ ପ୍ରଡକ୍ଟଗୁଡିକର ଏକ କ୍ୟୁରେଟେଡ୍ କଲେକ୍ସନ ନେକ୍ସସ୍ ଏସ୍ପ୍ଲାନେଡ୍ରେ ଲୋକପ୍ରିୟ ବ୍ରାଣ୍ଡଗୁଡିକୁ ଏକତ୍ରିତ କରୁଛି। 'ଦ ଗ୍ଲସ୍ ବକ୍ସ' ଅନ୍ୟ ଯେକୌଣସି ବିୟୁଟି ଫେଷ୍ଟ ତୁଳନାରେ ସ୍ୱତନ୍ତ୍ର ଅଟେ। ଏହା ଗ୍ରାହକଙ୍କୁ ଏକ ମଜାଦାର ଅନୁଭୂତି ଦେବା ପାଇଁ ଲାଇଭ୍ ପ୍ରଦର୍ଶନରେ ଅଂଶଗ୍ରହଣ କରିବା କିମ୍ବା ସମାନ ଚିନ୍ତାଧାରାର ଲୋକଙ୍କ ସହ କନେକ୍ଟ କରିବା ଭଳି ସୁଯୋଗ ପ୍ରଦାନ କରିବ। ଏଥିରେ ସାମିଲ ଥିବା ଇଭେଂଟ୍ଗୁଡିକର ଶୃଙ୍ଖଳାରେ ସ୍ୱତନ୍ତ୍ର ମାଷ୍ଟରକ୍ଲାସ୍ ସେଶନ ସାମିଲ ରହିଛି ଯେଉଁଠାରେ ବିଶେଷଜ୍ଞମାନେ ବିୟୁଟି ଓ ୱେଲ୍ନେଓ ଶିଳ୍ପର ବିଭିନ୍ନ ଦିଗ ଉପରେ ଆଲୋଚନା କରିବେ। 'ଦ ଗ୍ଲସ୍ ବକ୍ସ'ରେ ଅଂଶଗ୍ରହଣ କରୁଥିବା ବ୍ରାଣ୍ଡଗୁଡିକ ମଧ୍ୟରେ ନାଇକା ଲ୍ୟୁକ୍ସ, ଦ ବଡି ସପ୍, ହେଲ୍ଥ ଆଣ୍ଡ ଗ୍ଲୋ, କାମା ଆୟୁର୍ବେଦ, ଫରେଷ୍ଟ ଏସେନ୍ସିଆଲ୍ସ, ଲାଇଫ୍ଷ୍ଟାଇଲ୍ ଆଦି ସାମିଲ ରହିଛି।

## ବିଶ୍ୱହିନ୍ଦୁ ପରିଷଦ, ଓଡିଶା (ପୂର୍ବ)ର ପ୍ରାନ୍ତୀୟ ବୈଠକରେ ଘୋଷଣା ନାମା



ଭୁବନେଶ୍ୱର,(ପି.ଏନ): ସ୍ଥାନୀୟ ଜୟଦେବ ପାଠାଗାର, ୟୁନିଟ-୮ ଠାରେ ବିଶ୍ୱହିନ୍ଦୁ ପରିଷଦ, ଓଡିଶା (ପୂର୍ବ)ର ପ୍ରାନ୍ତୀୟ ବୈଠକ ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ "ଶୌର୍ଯ୍ୟ ଜାଗରଣ ଯାତ୍ରା " ନାମରେ ଏକ ବିରାଟ ଯୁବ ସମ୍ମିଳନୀ ହେବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା । ଏହି ବୈଠକରେ ଶୃଙ୍ଖଳାଗତ ଦୃଷ୍ଟିରୁ ଜାଜପୁର ଜିଲ୍ଲା ପ୍ରଖଣ୍ଡର ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳର ସମସ୍ତ ପଦାଧିକାରୀ ତଥା କେନ୍ଦ୍ରାପଡା ବିଭାଗର ସଭାପତି ଓ ସଂପାଦକଙ୍କୁ ଦାୟିତ୍ୱ ମୁକ୍ତ କରାଯିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ କରାଯାଇଥିଲା । ଆଜି ଠାରୁ କାର୍ଯ୍ୟକାରୀ ହେବା ପାଇଁ ସ୍ଥିରିକୃତ ହେଲା । ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ପବିତ୍ର କୁମାର ସ୍ୱାଇଁ, ଉପ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ପ୍ରାନ୍ତ ସଂପାଦକ ପଣ୍ଡିତ ମହେଶ କୁମାର ସାହୁ,ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ, ପ୍ରାନ୍ତ ବଜରଙ୍ଗ ଦଳ ସଂଯୋଜକ ଅମ୍ବିକା ପ୍ରସାଦ ଦାଶ, ସହସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ରାଜ୍ୟ ସହ ସଂପାଦକ ଉମାଶଙ୍କର ଆଚାର୍ଯ୍ୟ ମଂଚ ପରିଚାଳନା କରିଥିଲେ। ଶେଷରେ ଶାନ୍ତି ପାଠ କରି ବୈଠକ ସମାପନ ହୋଇଥିଲା।

## ପ୍ରାର୍ଥମିକ ଶିକ୍ଷକମାନଙ୍କ ଆନ୍ଦୋଳନକୁ ଓଷ୍ଟାର ସମର୍ଥନ

ସେମିଳିଗୁଡା,(ପି.ଏନ୍): ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ପକ୍ଷରୁ ବିଭିନ୍ନ୩ ଦଫା ଦାବୀ ନେଇ ଚାଲି ଥିବା ଧାରଣା ଆଜିଷଷ୍ଠ ଦିନ ପହଁଚିଛି, ପ୍ରାଥମିକ ଶିକ୍ଷକ ମାନେ ଧାରଣା ରେ ବସି ଥିବାରୁ ସିମିଲିଗୁଡା ବ୍ଲକ ର ସମସ୍ତ ପ୍ରାଥମିକ ବିଦ୍ୟାଳୟ ରେ ପାଠ ପଢା ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି, ଷଷ୍ଠ ଦିନ ର ଧାରଣା ସ୍ଥଳ ରେ ଜିଲ୍ଲା ଓଷ୍ଟା ସମ୍ପାଦକ ଶ୍ରୀ ଯୁକ୍ତ ଅଶୋକ କୁମାର ପଟନାୟକ, ବ୍ଲକ ସଭାପତି ଶ୍ରୀ ଯୁକ୍ତ ଗତିକୃଷ୍ଣ ବାରିକ, ବ୍ଲକ ସମ୍ପାଦକ ଶ୍ରୀ ଯୁକ୍ତ ଧାରିଣୀ ଧର ବିଷୋୟୀ, ଜିଲ୍ଲା ଯୁଗ୍ମ ସମ୍ପାଦକ ଶ୍ରୀ ଯୁକ୍ତ ମଧୁସୂଦନ ଜେନା, ଉପସ୍ଥିତ ଥିଲେ, ଶୁଚନା ଥାଉ କି ରାଜ୍ୟ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପୂର୍ଣ ଭାବେ ଠିକା ପ୍ରଥା ଉଛେଦ କରି ନୋସନାଲ ଇଂକ୍ରିମେଣ୍ଟ ପ୍ରଦାନ କରିବା, କନିଷ୍ଠ ଶିକ୍ଷକଙ୍କୁ ରେଗୁଲାର କରିବା ସହିତ ଗଣ ଶିକ୍ଷକ, କଳା ଓ କ୍ରୀଡା ଶିକ୍ଷକ ମାନଙ୍କୁ ନିୟମିତ କରିବା, ଉଭୟ ବିଦ୍ୟାଳୟ ରେ କାର୍ଯ୍ୟ ରତ ସମସ୍ତ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା,୬ବର୍ଷ ଚାକରି କୁ ମୂଳ ଚାକରି ରେ ଗଣନା କରି ୬ଟି ଇଂକରିମେଣ୍ଟ ପ୍ରଦାନ ସହିତ ନୂଆ ପେନସନ ବଦଳ ରେ ପିରୁଣା ପେନସନ ଲାଗୁ କରିବା, ଏହି ଦାବୀ ଯଥାର୍ଥ ଓ ଯୁକ୍ତି ଯୁକ୍ତ ବୋଲି ଶ୍ରୀ ଯୁକ୍ତ ଅଶୋକ କୁମାର ପଟନାୟକ କହି ଛନ୍ତି ତୃଣ ମୂଳ ସ୍ତର ରେ ଯେଉଁ ମାନେ ଅଗଣିତ ଛାତ୍ର ଛାତ୍ରୀ ମାନଙ୍କୁ ଭବିଷ୍ୟତ ଗଢିବା ରେ ପ୍ରାର୍ଥକ୍ଷ ସହାୟତା ପ୍ରଦାନ କରନ୍ତି ସେମାନଂଙ୍କୁ ଏହି ଯାର୍ଥାତ ଦାବୀ ପ୍ରତି ସରକାର ଅଣଦେଖା କରିବା ସେମାନଙ୍କ ପ୍ରତି ଚରମ ଅନ୍ୟାୟ, ଏହି ଦୃଷ୍ଟି ରେ ରଖି ସରକାର ସଂକ୍ରତ୍ମକ ଦୃଷ୍ଟି ଭଙ୍ଗୀ ନେଇ ସେମାନଙ୍କ ସହିତ ତୁରନ୍ତ ଆଲୋଚନା କରନ୍ତୁ ବୋଲି ଶ୍ରୀ ଯୁକ୍ତ ପଟନାୟକ କହିଛନ୍ତି ଏବଂ ସରକାର ଙ୍କୁ ନେବେଦନ କରିଛନ୍ତି।

## ହିନ୍ଦୋଳ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଗଣଧାରଣା



ହିନ୍ଦୋଳ,ରିପୋର୍ଟ ନିମାଇଁ ଚରଣ ସାମଲ (ପି.ଏନ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ର ଗୋଷ୍ଠୀଉନ୍ନୟନ ଶିକ୍ଷାଧିକାରୀ ଙ୍କ ଅଫିସ ସାମ୍ନା ରେ ଗଲା କାଲି ଠାରୁ ଶିକ୍ଷକ ମାନେ ଗଣଧାରଣା ରେ ବସିଛନ୍ତି।ସେମାନେ ଗଲା କାଲି ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟ ରେ ଗୋଷ୍ଠୀଉନ୍ନୟନ ଶିକ୍ଷାଧିକାରୀ ଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ଆଜି ଠାରୁ ସେମାନେ ଗଣଧାରଣା ରେ ଗୋଷ୍ଠୀଉନ୍ନୟନ ଶିକ୍ଷାଧିକାରୀ ଙ୍କ ଅଫିସ ସାମ୍ନା ରେ ଗଣଧାରଣା ରେ ବସିଛନ୍ତି !ସେମାନଙ୍କର କହିବା କଥା ଆଗରୁ ସେମାନେ ଭୁବନେଶ୍ୱର ରେ ରାଲି କରିଥିଲେ କିନ୍ତୁ ଶିକ୍ଷା ବିଭାଗ ର ସଚିବ ସେମାନଙ୍କୁ ପ୍ରତିଶୃତି ଦେଇଥିଲେ ଯେ ତୁମର ତିନ ଦଫା ଅଭିଯୋଗ ଆମେ ବୁଝିବୁ। ଏଣୁ ସେହି ଶିକ୍ଷକ ମାନେ ରାଲିରୁ ଉଠି ଘରକୁ ଆସିଥିଲେ। ସେହି ଶିକ୍ଷକ ମାନଙ୍କର କହିବା କଥା ଗୁରୁଦିବସ ଦିନ ସରକାର କଥା ବୁଝିବେ କିନ୍ତୁ ସେହି ଗୁରୁଦିବସ ଦିନ ସରକାର କିଛି ବୁଝି ନ ଥିଲେ ବୋଲି ସେମାନେ ମାତବ୍ୟକ୍ତ କରିଥିଲେ । ସେହି ପରିପେକ୍ଷୀରେ ସେହି ଶିକ୍ଷକ ମାନେ ଏଗାର ତାରିଖ ଦିନ ରାଲି କରିଥିଲେ। ସେମାନଙ୍କର କହିବା କଥା ଯେପର୍ଯ୍ୟନ୍ତ ସରକାର ଆମ କଥା ନ ବୁଝିବେ ସେହି ପର୍ଯ୍ୟନ୍ତ ଗଣଧାରଣା ଜାରିରହିବ। ସେମାନଙ୍କର ୩ଦଫା ଯେଉଁଦିନ ସରକାର ବୁଝିବେ ସେହି ଦିନ ଗଣଧାରଣା ବନ୍ଦ ହେବ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray